ତପୋବନ ଗ୍ରନ୍ଥମାଳା—ନବମ କୁସୁମ

# ସ୍ଫୁଲିଙ୍ଗ

ପ୍ରଣେତ୍ରୀ

ଶ୍ରୀମତୀ କୁନ୍ତଳା କୁମାରୀ ଦେବୀ

ଉତ୍କଳଭାରତୀ ଭାରତଭୂଷଣା

ପ୍ରକାଶକ

ଡାକ୍ତର କେ: ପି: ବ୍ରହ୍ମଚାରୀ

ବାଚସ୍ପତି ଶାସ୍ତ୍ରୀ

ସମ୍ପାଦକ, 'ଭାରତୀ ତପୋବନ' ସଂଘ

ଦିଲ୍ଲୀ

ମୁଦ୍ରାକର

ଶ୍ରୀବାଳକୃଷ୍ଣ କର ବି. ଏ.

ସାରସ୍ୱତ ପ୍ରେସ

କଟକ

୧୯୨୯

ପ୍ରଥମ ସଂସ୍କରଣ ୧୦୦୦ ମୂଲ୍ୟ ୫ ୧୯

# ଉପହାର

କହ କେ ସଗରକୁଳ ଉଦ୍ଧାରିବ ଭାଇ
ଦେଶ-ପ୍ରେମୀ କର୍ମବୀର ଭଗୀରଥ କାହିଁ

ଶ୍ରୀ ..............................................

..............................................

..............................................

..............................................

..............................................

ପ୍ରଣେତ୍ରୀ

# ଉତ୍ସର୍ଗ

୧

କ୍ଷୁଦ୍ର ଏ ସ୍ଫୁଲିଙ୍ଗ କ୍ଷୁଦ୍ର ଅନଳକଣିକା
କ୍ଷୀଣପ୍ରାଣ, ନାହିଁ ତହିଁ ସୂର୍ଯ୍ୟତେଜଶିଖା ।

ତରୁଣ ଉତ୍କଳ ସୁତ କରକମଳରେ
ଅର୍ପିଲି ଆନନ୍ଦ ଶ୍ରଦ୍ଧା ସୁଧା ସ୍ନେହଭରେ ।

ହେଉ ସେହି କ୍ଷୁଦ୍ର, ହେଉ ଅତି ହୀନ ସାନ,
ଛୁଇଁବ ଯଦି ସେ ମୋର ଭ୍ରାତା ଭଗ୍ନୀପ୍ରାଣ,

ଜାଳିବ ଯଦି ସେ ଚିତ୍ତେ ଦେଶପ୍ରେମବହ୍ନି,
ସାର୍ଥକ ମଣିବ ସୁଖେ ଅସ୍ଫୁଟଲେଖନୀ ।

ଆଣିବ ଯଦି ସେ ନବ ଜୀବନ ଚେତନା
ବ୍ୟର୍ଥ ନ ଭାଳିବି ମମ ଏ କ୍ଷୁଦ୍ର ରଚନା ।

୨

ଅଛନ୍ତି ଉତ୍କଳସୁତ ଅଛନ୍ତି ଅନେକ
ରଖି ଯେ ଧାରନ୍ତି ହେଲେ ମାତୃଭୂମି ଟେକ ।

ଶତ ତରୁଣ ତରୁଣୀ କୋମଳ ଅନ୍ତରେ
ଦେଶପ୍ରେମ-ପୁଣ୍ୟ ଫଲ୍‌ଗୁ ବହେ ନିରନ୍ତରେ !

ଲକ୍ଷେ ଲକ୍ଷ ରୁଦ୍ଧଛନ୍ଦ ଅଜ୍ଞାତ ନିବାସେ
ଦେଶପ୍ରେମୀ କର୍ମବୀର ନୈରାଶ୍ୟ ଉଦାସେ ।

କହ କେ ଆଣିବ ପ୍ରାଣେ ନବୀନ ପ୍ରେରଣା
କେ ଦେବ ଅନ୍ତରେ ଶୁଭ ଜୀବନ ଚେତନା ।

ଅକାରଣେ ବର୍ଣ୍ଣ-ମଲ୍ଲୀ ଗନ୍ଧନେ, ବିଜନେ
ଫୁଟି ମଉଳଇ ସିନା ଅକାଳେ ଯୌବନେ ।

ଭାବ ଚାଲେ ବ୍ୟଥା ବଡ ମରମେ ମୋହର
ନୟନୁଁ ଝରଇ ଖଣେ ଉଷ୍ଣ ଅଶ୍ରୁ ଝର ।

କହ କେ ସଗରକୁଳ ଉଦ୍ଧାରିବ ଭାଇ
ଦେଶପ୍ରେମୀ କର୍ମବୀର ଭଗୀରଥ କାହିଁ ?

ଯାଅ ତେବେ ଗୋ ସ୍ଫୁଲିଙ୍ଗ କ୍ଷୁଦ୍ର ଅଗ୍ନିକଣା,
ଆଣ ଜୀବନେ ଅନନ୍ତ ଅନଳ ପ୍ରେରଣା ।

ବହୁ ପଛେ ଝଞ୍ଜା ଘନ, ଭୀମ ପ୍ରଭଞ୍ଜନ,
ନ ଲଭୁ ତୋହର ଦୀପ୍ତ ହାସିତ ଆନନ ।

ଜାଳ ପ୍ରତି ପ୍ରାଣେ ପୁଣ୍ୟ ଦେଶପ୍ରେମ-ଦୀପ,
ଏତକ ଅଶିଷ ହେଉ ହେ ବିଶ୍ୱ-ଅଧିପ !

୧୨ । ୨ । ୧୫ — କୁନ୍ତଳା କୁମାରୀ



UTKAL BHARATI Dr. KUNTAL KUMARI DEVI.

Printed at the Maharathi Press, Delhi.

# ସ୍ଫୁଲିଙ୍ଗ

## ତରୁଣର ଆବାହନ

[୧]

ନିରାଶାର ଗିର ନ ଘୋଷୁ ରସନା
ନ ବାଜୁ ତାହା ଏ ଜାତି ଶ୍ରବଣରେ,
ଦେଢ଼କୋଟି ପ୍ରାଣ ନବଜାଗରଣେ
ଦାଅ ଉଠିବାକୁ ନବ ବିକ୍ରମରେ ।

## ସ୍ଫୁଲିଙ୍ଗ

କାହିଁ। ଧୂଳିତଳେ ରଚି ମୃତ୍ୟୁ—ଶେଯ
ହଜିଇବେ ସର୍ବେ ନବ ବୀର୍ଯ୍ୟ ତେଜ,
ଅନନ୍ତ ମରଣ ଏ ଜାତି କପାଳେ ଲେଖି ନାହିଁ ବିଶ୍ୱଧାତ୍ରୀ,
ଉଠିବେ ଉଠିବେ ଦେଖ କୋଟି ଆତ୍ମା ଅମୃତପଥଯାତ୍ରୀ ।
କିଏ କହେ ନାହିଁ ଆମର ସାହସ,
କିଏ କହେ ଆମେ ଅଜ୍ଞାନ ଅଳସ ?
କିଏ କହେ ମୃତ ଓଡ଼ିଆର ପ୍ରାଣ,
ଚିର ଅବସାନ ତା ଗୌରବ, ତ୍ରାଣ ?
ପରପଦାହତ, ଦୁର୍ବଳ ଭୀରୁ, ନିତ୍ୟ ଲଜ୍ଜେ ମ୍ରିୟମାଣ ।
ପଡ଼ିଅଛି ଭଗ୍ନ ଦୁର୍ଗ ବାରବାଟୀ,
କୋଣାର୍କ ଶିଖର ଚୁମ୍ବିଅଛି ମାଟି;
ନୀଳଚକ୍ର ବାନା ଲୋଟିଛି ଧୂଳିରେ,
ପୋତ ପଡ଼ିଅଛି ଚିଲିକା ବାଲିରେ;
ଆଉ ନ ନାଚଇ ଓଡ଼ିଆ ବୋଇତ
ନୀରଧି-ତରଙ୍ଗ ରଙ୍ଗେ ଆଲିଙ୍ଗିତ;
ନୀରବ ଉତ୍କଳ ସାରଳା ସଂଗୀତ
ହଜିଅଛି ଚିର ଏ ଜାତି ବିଭବ,
ରସାତଳେ ଲୀନ ଓଡ଼ିଆ ଗରବ;
ଛିନ୍ନ ଭିନ୍ନ ଅଙ୍ଗେ, ମରଣ ଉତ୍ସଙ୍ଗେ ନବଜାଗରଣ ଆଉ କି ସମ୍ଭବ ?
ଦିଅ ମରିବାକୁ ଶାନ୍ତ ସୁଧୀରେ
ଆଉ ନ ଉଠିବ ଏ ଜାତି ମହୀରେ,
'ନ କହ ନ କହ ଏ କୈତବ-ବାଣୀ

## ସ୍ଫୁଲିଙ୍ଗ

ଜାତି କଣ୍ଠପୁଟେ, କ୍ଷୀଣ ପ୍ରାଣ ତାର
କରବ ବା ଶୋକ ଆର୍ତ୍ତ ହାହାକାର,
ସ୍ମର ନିଜ ଦୁଃଖ ଦୁର୍ଦ୍ଦଶା ଦୀନତା
ନିଜ ନେତ୍ରେ ତାର ବର୍ତ୍ତିବ ହୀନତା,
କିପାଁ ଅକାରଣେ ଦେଶ ମାତୃପ୍ରାଣେ କ୍ଳେଶରେଖା ଟାଣି ଲଭିବ କଷଣ,
ଉଠୁ ଉଠୁ ସେହି ଉପେକ୍ଷି ମରଣ ।
ହୃଦୟ ସ୍ପନ୍ଦନ ହେଉନାହିଁ ତାର,
ଶିରେ ଶିରେ ବହେ ପ୍ରାଣଧାର,
କିପାଁ କହୁଅଛ ଦୁର୍ଭିକ୍ଷ, ବନ୍ୟା, ବ୍ୟାଧି ହାରଅଛି ସର୍ବ
ଦୈନ୍ୟ ହରୁଛି ମଣିଷପଣିଆ, ମଥା ଟେକିବାର ଗର୍ବ ।
ନ କହ ନ କହ ଆଉ,
ଜାଗିଲେଣି ତାର ତରୁଣ ସନ୍ତାନ
ଘୁଞ୍ଚାଇବେ ମିଳି ମାତୃ ଅପମାନ;
କେ କେତେ ପ୍ରେରଣା ପ୍ରାଣେ ଲଭି ଶୁଭ
ଧରି ହୃଦେ ଦୃଢ଼ ବିଶ୍ୱାସ ଧ୍ରୁବ,
ଜାଗିଛନ୍ତି ନବ କର୍ମେ,
ନିରାଶାର ବ୍ୟଥା ନ ବାଜୁ ମର୍ମେ, ଦେଶ ନବ ପ୍ରାଣ ପାଉ ।
କିପାଁ ବାଧା ବିଘ୍ନ ପାଷାଣ ଭୀଷଣ
ସ୍ଥାପିବ ଚରଣପ୍ରାନ୍ତେ ଅକାରଣ ?
ହେଉ ଅଗ୍ରସର ନବ ଆନନ୍ଦରେ
ତରୁଣ ବାହିନୀ ନବ ଜୀବନରେ,
ମୃତ୍ୟୁ-ତମସ ଠେଲି ଦୀପ୍ତାଲୋକେ
ଚଳିଛନ୍ତି ସେନା ସାହସ ପୁଲକେ,

ସୁନ୍ଦରଚନ୍ଦ୍ର ବର୍ଣ୍ଣନାସ୍ତି,
ନବ ଯଉବନ ଉନ୍ମାଦନାରେ ଡେଇଁବେ ପର୍ବତ ନଈ ।
ଦେଢ଼ କୋଟି ଭୁଜ ଅଜେୟ ବିକ୍ରମ
ଲଭିବ ସଂହତି, ଅଦ୍ଭୁତ କରମ,
ସାଧିବ ଏ ମହୀ ମଣ୍ଡଳେ; ହେଳାରେ
ନ ଦଳ ତରୁଣ ପ୍ରାଣ ଅବଜ୍ଞାରେ
ସେ ତରୁଣ ହୃଦ ପ୍ରତି ରକ୍ତ ବିନ୍ଦୁ
ମିଶି ହୋଇବ ମହାଶକ୍ତି ସିନ୍ଧୁ ।
କୋଟି କୃଷ୍ଣାର୍ଜ୍ଜୁନ, ସୁଭଦ୍ରା, ସାବିତ୍ରୀ
ଜନମିବେ ପୁନେ ଉତ୍କଳ ପର୍ବତ ;
ଉତ୍କଳ ସମ୍ବଳ ସେହିମାନେ ସିନା
ହେଉଛନ୍ତି ଅଲଘ ଅଗଣା, ଅଚହ୍ନା !

[୨]

ପୁନେ ରଣପ୍ରାଙ୍ଗଣର ମୃତ୍ୟୁ ନର୍ତ୍ତନେ ବାଜନ୍ତି ମୁରଲୀ ତାନେ,
ଗୀତାର ତତ୍ତ୍ୱ, ଯୋଗ ମହତ୍ତ୍ୱ, ତରୁଣ ସାରଥି ପ୍ରାଣେ ।
ମହାବୋଧିସତ୍ତ୍ୱ ମୂଳେ,
ତରୁଣ ତପସ୍ୱୀ ମହାଜ୍ଞାନ ଲଭି ଉଦ୍ଧାରିଲେ ଜୀବକୁଳେ ।
ପର୍ବତ କନ୍ଦରେ ତରୁଣ ଅନ୍ତରେ ଜାଗିଥିଲା ଯେଉଁ ବାଣୀ,
ମଥା ନତ କରି ଶୁଣିଲା ମେଦିନୀ, ଉଦ୍ଧରିଲେ କୋଟି ପ୍ରାଣୀ ।
କ୍ରୂର କ୍ରୁଶ କାଷ୍ଠେ ବହିଥିଲା ଦିନେ ତରୁଣର ରକ୍ତଧାର,
ନମନ୍ତିଲା ତହିଁ ଅର୍ଦ୍ଧ ଅବନୀ, ସୃଜିଲା ସେ ପାରାବାର ।
ତରୁଣ ସେ ନାରାୟଣ,
ଯୁଗେ ଯୁଗେ ଅବତରି ମହୀତଳେ ପ୍ରେମ କରେ ବିତରଣ ।

ଉଦ୍ଧାରବ ଯେହୁ ଏପାଳ ଉତ୍କଳ,
ଭଞ୍ଜି ଭୂମି ଦଳେ ହେବ ଉର୍ଜ୍ଜସ୍ୱଳ ।
ଅନଙ୍ଗ, ଯଯାତି ଆସିବେ ତ ଫେର,
ବାଜିବ ଓଡ଼ିଆ ଜୟ ତୂସ୍ତି ଭେସ ।
ଜାଗିଅଛି ଆଜି ତରୁଣ କେଶରୀ
ନୀଳାଚଳ ପୁଣ୍ୟ ଚୂଳେ
ବନ୍ଦନା ଗୀତି ଗାଉଅଛି ଜଳ ତରଙ୍ଗ,
ସାଗର କୂଳେ
ଫୁଟି ଅଛି ଫୁଲ ନାଗେଶ୍ୱର ବନେ
ଶୁଭେ ଶଙ୍ଖ ସ୍ୱନ ଏକାମ୍ର କାନନେ
ଝୁରୁ ଚନ୍ଦ୍ରୋତ୍ପଳା—ସଜାଡ଼ୁଛି ମାଳା,
ଲଳିତ ନଳିନୀ—ଦଳ ଦାମ ଦେନ;
ପୂଜିବେ ମନ୍ଦାରେ ମଞ୍ଜୁ ପାଦ ବେନ,
ଆସିବେ ଓହ୍ଲାଇ ସ୍ୱର୍ଗ ସୀମନ୍ତିନୀ,
ତରୁଣର ପ୍ରାଣେ ନବ ସଞ୍ଜୀବନୀ
ମୃତ ମାର ସିଞ୍ଚି ମୋହିବେ ମୋହିନୀ ।
ଉତ୍କଳର ପ୍ରାଣୀ ଯନେ
ଅଭିଷେକ ଆଜ ତରୁଣ ରାଜାର
ପ୍ରେମ-ହେମ ଆଭରଣେ ।

[୩]

ହେଲଣି ହେଲଣି ନବ ସୂର୍ଯ୍ୟୋଦୟ,
ଆଉ କି ଲଜ୍ଜା, ଆଉ କି ଭୟ !

ନବ ଯଉବନ ଶିରୀ ସଂପଦେ ହସଇ ପ୍ରକୃତିରାଣୀ,
ନ କହ ନ କହ ଆଉ କର୍ଣ୍ଣମୂଳେ ନିରାଶା ଭୀଷଣ ବାଣୀ ।
ଚିରସ୍ଥିର ନାହିଁ କପାଳେ କାହାର, ଉଠ ଦେଢ଼କୋଟି ପ୍ରାଣି !

ଦେଖ, ତବ ଦ୍ୱାରେ ତରୁଣର ବେଶେ
ଉଭା ରବିପ୍ରଭା ଝଲ ସେ କିଏସେ ?
ଆଖିକୋଣେ ତା'ର କି ଜ୍ୟୋତି ରୁଚିର,
ଅଧରେ ମୋହନ ଆଶାମୃତ ଗିର ।

ଦେଢ଼ କୋଟି ଭାଇ ଉଠିବେ, ଓଡ଼ିଆ ପ୍ରାଣ ନ ମରିବ ଚିର,
ନଅ ବର ତବ ତରୁଣ ତପସ୍ୱୀ, ତବ ଅରିନ୍ଦମ ବୀର ।
ରଚ ରମ୍ୟ ମାଳ, ତୁଳସୀ, ମଲ୍ଲିକା,
ଦିଅ ଧାନ, ଦୂବ, ଚନ୍ଦନ ଟୀକା ,
ସଜାଡ଼ ହୃଦୟ ପୁଣ୍ୟ ବେଦିକା ।
ନଅ ବର ତବ ତରୁଣ ତପସ୍ୱୀ ତବ ଅରିନ୍ଦମ ବୀର,
ଦେଢ଼କୋଟି ଭାଇ ଉଠ ହେ ଓଡ଼ିଆ, କପାଳି ମରିବ ଚିର ?

# ମା

ଆଜି ଏକକଣ୍ଠେ ମା ବୋଲି ଡାକ ହେ
ତେତିଶ କୋଟି ମାଆର ସନ୍ତାନ,
ମା ନାମ ମହିମା ଶକ୍ତିରେ ଉଠ
ଦୁର୍ବଳ ଭୀତ କମ୍ପମାନ
ମା ନାମ ଗରିମା ଗିରି ହିମାଚଳେ
ଶତ ଶତାବ୍ଦୀର ତୁଷାର ଉଜ୍ଜ୍ୱଳେ
ମାତୃସ୍ନେହ ଝର
ଗଙ୍ଗା ସିନ୍ଧୁ ଧାର
ବ୍ରହ୍ମପୁତ୍ର ବହେ ପବିତ୍ର କଲ୍ଲୋଳେ,
ଉଠେ ମହାଗୀତ ବ୍ୟୋମେ ଜଳେ ସ୍ଥଳେ ।
ମା ନାମର ସ୍ତୁତି ଅନ୍ତରେ ଉଛୁଳେ,
ବିନ୍ଧ୍ୟାଦ୍ରି ସହ୍ୟାଦ୍ରି ନୀଳଗିରି କୋଳେ
ରେବା ଗୋଦାବରୀ ଗାଆନ୍ତି ନୀରୋଳେ ।
ଶିରୀ ବୃନ୍ଦାବନେ ଚନ୍ଦନ ବନେ ବଦ୍ରୀନାରାୟଣେ ମା ନାମର ମନ୍ତ୍ର—
ବାଜେ ହୃଦ-ଯନ୍ତ୍ର ମଧୁର ନିକ୍ୱଣେ ।
କିଏ ସେ କୁମର ? ଭେଦ ନାହିଁ ଯାର, ହୃଦ ଅଭ୍ୟନ୍ତର
ମା ନାମର ଭକ୍ତି ;
କିଏ ହେ ଦୁହିତା ? ମା ନାମ ଶ୍ରବଣେ ନୁହେଁ ଯେ ମୋହିତା ?
ଭାରତର କୁଳେ କିଏ କୁଳାଙ୍ଗାର
ମା ନାମେ ନୟନେ ନାହିଁ ଯାର ଧାର,

ମା ପରି ଅମର ତ୍ରିଲୋକ- ପାବନୀ,
ଗାୟତ୍ରୀ, ସାବିତ୍ରୀ ବିଶ୍ୱ-ପ୍ରସବିନୀ,
ବେଦ, ବେଦାନ୍ତର ଜନନୀ, ମୋହିନୀ,
ନିଖିଳ-ଅବନୀ ଜ୍ଞାନପ୍ରଦାୟିନୀ
କାବ୍ୟକଳା-ଶିଳ୍ପ ଲୀଳା ବିଳାସିନୀ
କୋଟି କୁଞ୍ଜବନ କୁସୁମମାଳିନୀ
କୋଟି କଳ୍ପତରୁ-ବଲ୍ଲୀ-ରସାଳିନୀ
ମନୋଜ୍ଞ-ମାନସ- ହେମ-ମୃଣାଳିନୀ ।

ମା ପରି ଅମର ଜ୍ଞାନ ବିଜ୍ଞାନର
ଆଦ୍ୟଲୀଳା ଭୂମି,
ପବିତ୍ର ଓଁକାର ଝଙ୍କାର ଉଠିଲା ଯହିଁ ନଭଃ ଚୁମ୍ବି ।
ବୁଡ଼ିଥିଲା ଯେବେ ବିରାଟ ଅବନୀ ଅଜ୍ଞାନ ତମିରେ,
ଉଜ୍ଜ୍ୱଳ ଥିଲା କେ ବିଦ୍ୟାଧରମ ହେମ ଦୀପ୍ତିରେ ?
ଆଜ ହେଉ ତାର ମ୍ଳାନ ଅଧୋଗତି,
ଛାତି କି ତୁମର ନ ହୁଇ କରତି ?

ନାହିଁ କି ହେ ଉଷ୍ଣରକ୍ତ ଧମନୀରେ,
ବ୍ୟଥିତ ନୁହଁ କି ମାତୃ ଆରତିରେ ?
ଉଠ ଉଠ ତେବେ ଉଠ ମୋର ଭାଇ,
ଅର୍ଯ୍ୟ ତେଜଃ ତବ ରକ୍ତୁଁ ଯାଇ ନାହିଁ,

ମାତୃନାମ ମନ୍ତ୍ରେ
ଉଠ ହେ ଏକବେ
ତେତିଶ କୋଟି ମାତୃସ୍ତବ ଗାଇ ।

# ଭାରତ ମାତା

ଭାରତ ମୋ ମା, ଭାରତ ମୋ ମା, ଜାଣିଛି ଏହା ମୁଁ ଅନ୍ତରେ
ଭାରତ ଜନନୀ ଜନ୍ମଭୂମି ମମ, ନମେ ତବ ପଦପ୍ରାନ୍ତରେ ।
ତୁହିଲୋ ପବିତ୍ରେ ! ତୋ ପବିତ୍ରରଜେ
ମୋ ପିତୃପୁରୁଷ ପିଣ୍ଡ ଗଢ଼ିଛି,
ତୁହି ଲୋ ବିଚିତ୍ରେ ! ତୋ ବିଚିତ୍ର ଯେବେ
ଶତସ୍ନେହାଦରେ ସନ୍ତାନେ ପାଳୁଛୁ ।
ତୁହି ଲୋ ଭକ୍ତି
ତୁହି ଲୋ ଶକ୍ତି,
ତୁହି ଲୋ ମୁକ୍ତି ଦ୍ୱାର,
ଯାଏଁ ଯଥା ତଥା ତୋ ନାମସ୍ମରଣ ପୁଣ୍ୟ ମୋ ଜପହାର ।
ଅଜ ଘାନା ତୁହି କାଙ୍ଗାଳିନୀ ବେଶେ
ଛୁଡ଼ା ହେଉ ଶୀର୍ଣ୍ଣ ମୋ ମାନସ ଦେଶେ,
'କିଛି କର ନାହିଁ' ଭାବନା କଷଣେ ମର୍ମେ ମରୁଛି ଦୁଃସହ କ୍ଲେଶେ
ଘୋର ଲଜ୍ଜା ମୋର ଘୋର ମଳିନତା;
ଆମେ ଥାଉଁ ଥାଉଁ ମାତା ଅବନତା,
କୁଳାଙ୍ଗାର ସୁତେ କି ସୁଖେ ଜନନି ! ଧରିଛୁ ଦୁର୍ବଳ କୋଳେ,
ମୁରୁଛି ନ ପାରୁ ଆମକୁ ସତେକି ମାତୃସ୍ନେହ ମାୟା ଭୋଳେ !
ତେଣୁ କି ତୋହର କେଦାରେ କେଦାରେ
ସଜାଇ ରଖିଛୁ ସ୍ୱର୍ଣ୍ଣ ଶସ୍ୟଭାରେ,
ଅଯୋଗ୍ୟ ଆମେ ଲୋ, ଆମ ଅରଜନ ପର ପାଦତଳେ ଲୋଟୁଛି;

ଅପଣା ବେଳକୁ ହାଣ କୁରାଢ଼ିରେ      ଭାଇ ଭାଇଗଲା କାଟିକୁଟି ।
          ଥିଲେ ପ୍ରେମ ଥାଉ ନାହିଁ ଆମ ଘରେ,
          ଭାସୁଛୁଁ ଆପଣା ସୋଦର ରକ୍ତରେ,
     ହିନ୍ଦୁ ମୁସଲ୍‌ମାନ, ଦୁଇ ବାହୁ ତୋ'ର
     ଦୁହିଙ୍କ ଭିତରେ ଦ୍ୱନ୍ଦ୍ୱ ଯୁଦ୍ଧଘୋର,
ବାଛି ବିଦେଶୀଙ୍କୁ ବରଣ କରଣ      ଜଗତରେ ଲୋକହସା,
ଆମରି କରମ ଆମକୁ ଘାରୁଛି      କେ ଫେଡ଼ିବ ଆମ ଦଶା ?
          ପରକୁ ନିନ୍ଦିବୁଁ ଦୋଷିବୁଁ କପାଇଁ
          ଆପଣା ଭାଇକି ସ୍ନେହ ଥିଲେ ନାହିଁ
ଆମ ମା, ଭଉଣୀ ଆମରି ଅନ୍ୟାୟ—
               କାଟ୍‌ଗାରେ ବନ୍ଦୀ କାନ୍ଦି ଛନ୍ତି ହାୟ !
ଆମ ଶାସ୍ତ୍ର ପୋଥି ଅମରକୁ ମଥି
               ଜୀବନ ଆମର ସାରିଲଣି ଧାରି,
ଆମ ଅବଜ୍ଞାରେ ଅସ୍ପୃଶ୍ୟ ଭିତରେ
               ଗଣା ଛଅକୋଟି ନରନାରୀ ।
ଭାଇ ଭାଇ ବୋଲି ଉଚ୍ଚେ ଦେଉଁ ଡାକ
ବକ୍ତୃତା ମଞ୍ଚରେ ଦେଶପ୍ରେମ ଯାକ,
          କଥାରେ ଅଜାଡ଼ି, କାନ୍ଦି କଲମରେ
               ଫେରୁ ନିଜ ଘରେ ଶୂନ୍ୟ ହୃଦୟରେ ।
ନିଜ ଜାୟା ସୁତେ ଖାଦ୍ୟ ନ ପାଆନ୍ତି
ଦେଶ ଦେଶ ବୋଲି ଲୁହେ ଯାଉ ଛନ୍ତି,
          ଅଳସ ଅକର୍ମା ଦିନ ମାଏ ବିତି,
               ଜପୁ କଲୁ ମନ୍ତ୍ର ଓମ୍ ଶାନ୍ତି, ଶାନ୍ତି !

ଏ ଘୋର କପଟ ତମୋ ଆବରଣ
କହ ମାତା, କିଏ କରିବ ଛେଦନ ?
ନିଜ ନୟନରେ ନିଜକୁ ଦେଖିବୁଁ
ନିଜ କୁରୂପର ସରମେ ସରିବୁଁ,
ତେବେ ସିନା ମନେ ହେବ ଅନୁତାପ,
ତେବେ ସିନା ଦୂରେ ଯିବ ମୋହ ପାପ ।
ପବନ୍ଧା ଦାତାର ଏ ଅଧମ ସୁତେ କହ କହ କାହୁଁ ପାଇଲୁ, ?
ଗୌରବ ବିଭବ ସବୁତ ତୋହର ଆମରି ହାତରେ ସାରିଲୁ ।
ତୋ'ଚରଣ ପରି ଧୂଏ ମହାସିନ୍ଧୁ
କାହିଁ ନ ଦେଲୁ ସେ ନୀର ଏକ ବିନ୍ଦୁ,
କେ ଧୋଇବ କହ ଏ କଳଙ୍କ- କାଳି ?
ବିନା ଆମେ ରକ୍ତ ନ ଦେଲେ ମା ଢାଳି,
କେବେ ଲଭି ଜ୍ଞାନ
ତୋହର ସନ୍ତାନ
ଏକ ହେବେ ପ୍ରେମେ ଭେଦାଭେଦ ଭୁଲି,
ରକ୍ତଧାରେ ନୁହେ, ଭକ୍ତି ଧାରେ ବୁଡ଼ି ।
ଆସିବ ନାହିଁକି ମାଆ ସେ ସୁଦିନ
ଈର୍ଷା ଦ୍ୱେଷ ବନ୍ଧ କରି ସର୍ବେ ଛିନ୍ନ,
ଏକ ହେବେ ପ୍ରାଣେ,
ଧର୍ମେ, କର୍ମେ, ଜ୍ଞାନେ,
ମାନବ ସନ୍ତାନେ ନ ମଣିବେ ହୀନ ।

# ହାହାକାର

ଆଜ ତେତିଶ କୋଟିର ହାହାକାର !
ରୁଦ୍ରରୂପେ ପ୍ରଭୁ ଦୁଆର ସମୀପେ
ଚୌପାଶେ ବିରାଟ ଅନ୍ଧକାର ।
ଭୀଷଣ ବନ୍ୟା ବ୍ୟୁତ୍‌ପାତ, ଦୁର୍ଭିକ୍ଷ ଦାରୁ
ମହା ମଡ଼କର ସଂହାର ଲୀଳା;
କାତର କଣ୍ଠେ ଡାକିଲେ ବିକଳେ
ଦୂର ବୈକୁଣ୍ଠେ ପ୍ରଭୁ ନ ଶୁଣନ୍ତି ଆଜ ।
କେବଳ ମୃତ୍ୟୁ, ମୃତ୍ୟୁ ବିଭୀଷିକା
ଅବିରତ କ୍ଷୁର ଧାର ।
ବିକଟ ନୃତ୍ୟ, ମରଣ ନୃତ୍ୟ, ଅତିଥି ଆମର ଅଗଣାରେ,
ଜଗତରେ ଆମେ ଅଗଣାରେ ।
ଶତ ଶତାବ୍ଦୀ ବ୍ୟାପି ଥିଲୁ ପଡ଼ି, ଥାପି ଅନ୍ୟାୟର ସିଂହାସନ,
ଦୁର୍ବଳ ଦୀନ, ଅସ୍ପୃଶ୍ୟ ଇତର, ନରନାରାୟଣ ଶିରେ;
କୋଟି କୋଟି ତେଣୁ ଆଜ ସିନା ଲୋତକ ରୁଧିରେ,
ବୁଡ଼ିଛୁଁ ସରବେ, ହଜର ଗରବେ,
ଅଭିମାନେ ଚୂର୍ଣ୍ଣ; ଯୁଗ ଯୁଗାନ୍ତର ସାଧନାର ସ୍ୱର୍ଣ୍ଣ—
ଶୋଭିବନ ତପୋବନ ।
ଭାଇ ଭାଇ ବକ୍ଷ ଶୋଣିତ ପିପାସୀ, କ୍ରୂର ଅବିଶ୍ୱାସୀ, ଉଦାସୀ,
ଆମର ସାର ଆଜି ଧୂଳି ପୂର୍ଣ୍ଣ—
ଜୀର୍ଣ୍ଣ ପଲ୍ଲୀ କଙ୍କାଳ କୁଟୀର ମାଳା,
ତହିଁ ଦୋହନ ବିପୁଳ ଉଦର ଜ୍ୱାଳା,

ନଗ୍ନ ତନୁର ଅପମାନ,
କାଟିରୁଁ ହତାଶ ଅର୍ଦ୍ଧିତ ଜୀବନ,
ବିଫଳିତ ନୀରବ ବେଦନ—
ସମୂଳ କର ହେବ ସଂସାର ଅବସାନ ।
ତେବେ ଯାଇ ଏ ପାପର ହେବ ପୂର୍ଣ୍ଣ ପ୍ରାୟଶ୍ଚିତ୍ତ ରକ୍ତ ମଥିତ
ଅସ୍ମ୍ରାଣ ବଳିଦାନ,
ଗୃହାନ୍ତୁ ଆମର ହସ୍ତୁଁ ଦୀନ ଦରିଦ୍ର ଭଗବାନ ।

[୨]

କିପାଇଁ ଭାରତବାସି ! ଡ଼ାକ କାତରେ,
କୃପାସିଂହାସନ ନଟଳିବ ଆଉ
ତୁମର ବ୍ୟର୍ଥ ଚିତ୍କାରେ ।
ନହେବା ଯାଏ ପୂର୍ଣ୍ଣ ପ୍ରାୟଶ୍ଚିତ୍ତ
ତୁମେ ହେବ ନିତ୍ୟ ଦଳିତ ବ୍ୟଥିତ
ଏହାତ କେବଳ ନୁହେ କପାଳ ଲେଖାରେ ,
ଆପଣା ଅର୍ଜ୍ଜିତ କର୍ମଫଳେ କିପାଁ ଭଗବାନେ ଦୋଷ ଦିଅ ରେ ।
କେ କହିଥିଲା ତୁମକୁ ,
ଭାଇ ଭାଇ ମଧ୍ୟେ ବିରୋଧର ବନ୍ଧ
ବଜ୍ର ଦୃଢ଼େ ବାନ୍ଧିବାକୁ ?
ଆଉ ନତ ଦୁର୍ବଳେ କ୍ରୂର ଚରଣେ ଚପିବାକୁ ?
ଅର୍ଦ୍ଧାଙ୍ଗ ତୁମର ନାରୀଙ୍କୁ ଅନ୍ୟାୟେ
କବାଟର କୋଣେ ଗୁଞ୍ଜିବାକୁ ?
ଏବେ ପଛଘୁଞ୍ଚା ନଦିଅ ହେବାକୁ , କ୍ରୂର କର୍ମଫଳ
ଭୁଞ୍ଜିବାକୁ ।

ଉଚିତ ନୁହେ ତୁମର ବ୍ୟର୍ଥ ହାହାକାର ଅନ୍ୟାୟ୍ୟ ପ୍ରାର୍ଥନା,
ସହୁଛ କିପାଇଁ ବିକଳ ଚିତ୍ତରେ ମୂଢ଼ , ଜଡ , ଅନ୍ଧ କଦର୍ଥନା ।
ଯଦି ମୁକ୍ତି ଗୃହଁ ଭୀଷଣ କଷଣ ,
ଭୁଲ ମନେ ଏହା କ୍ଷଣ ,
ଆପଣା ଭିତରେ ଅଳିଆ ଜଞ୍ଜାଳ ଝାଡ଼ି କର ତବ ନିର୍ମଳ ତନୁ ।
ଜାତିଭେଦ ବନ୍ଧ ଛେଦ ପ୍ରେମାଦରେ ,
ବ୍ରାହ୍ମଣ ଶୂଦ୍ରକୁ ଘେନ ଶ୍ରୀଅଙ୍କରେ ,
ଯୁଗ ଯୁଗ ଯାଏ ନାହିଁ ଅଧିକାର ଦିଅ ତାଙ୍କୁ ନ୍ୟାଯ୍ୟକରେ ।
ଆପଣାର ପାପ ଅମାପ ଭଲଣ ନବୃତ୍ତ ଆଉ ନୈବିଣ୍ୟରେ
ରୁଦ୍ରରୂପ ତେଜ ବିଶ୍ୱ-ଭୂପ ଦେଖା ଦେବେ ହାସ ଆସ୍ୟରେ ।
ଏତିକି ବିଶ୍ୱାସେ ଉଠ ଉଠ ଅନ୍ଧ ,
ତେଜ ଦୂରେ ତମ କପଟତା ଛନ୍ଦ ;
ନ୍ୟାୟମୟ ପାତା, ଜଗତ ବିଧାତା ବଇରୀ ନୁହନ୍ତି କାହାର ;
କ୍ଷୀଣେ ରକ୍ଷାକର ; ଦୁଷ୍ଟେ ଦଣ୍ଡଧର; ଦୁଷ୍କୃତ ଅନୃତ ସଂହାରୀ ।
ତାଙ୍କର ଅମୃତ ଆନନ୍ଦ ଭଣ୍ଡାର
ଚିର ମୁକ୍ତ କୃପା କ୍ଷମା ପ୍ରେମଦ୍ୱାର
ତୁମଙ୍କପାଇଁ ତ ମାନବ ସନ୍ତାନ
ବୋଲନ୍ତି ସେ ଭଗବାନ

[୩]

ଚିର ନ ରହିବ ଦୁଃଖ ଅମା-ନିଶା,
ଅରୁଣ ନାଶିବ ଏ ଘନ ତମିସ୍ରା
ଉଠ ଉଠ ଭାଇ ! ଦିନ ଯାଏ ବହି
ବୃଥା କଷ୍ଟ ସହ ।

ତୁମରି ହାତରେ ଅଛି ତବ ମୁକ୍ତି,
ତେଜ ତେଜ ତବ ଜଡ଼ତାର ସୁପ୍ତି,
ତୁମରି କରମେ ଲଭିବ ମରଣେ ଚିର ଆକାଂକ୍ଷିତ ତୃପ୍ତି ।
ଚିରଦିନ କାର ନପାଏ ସମାନ,
ନିୟତିର ଚକ୍ର ନିତ୍ୟ ଭ୍ରାମ୍ୟମାନ,
ଏବେ ତଳେ ତବ ଧୂଳିରେ ଶୟନ
ଦୁଃଖ ଅପମାନେ ହେବ ଅବସାନ,
ଯଦି ମୋହ ମୁଗ୍ଧ ତବ ମେଲିବ ନୟନ ।
ଆଉ ନିର୍ଯାତନେ ନିବଧିବ ତବ
ଦୁର୍ବଳ ଭୀରୁ ପ୍ରାଣ ।
ଉଠ ତେଜି ଶ୍ୱ କୋଟି ଫିଙ୍ଗି ଦୂରେ
ଅବସାଦ ଆବରଣ,
ମରଣେ ଜୀବନ କର ହେ ବରଣ ।
ତୁମ ହୀନତାରେ ବିଶ୍ୱ ଜନନୀ ଅଶ୍ରୁଭରେ ମ୍ରିୟମାଣ ।
ଉଠ ଅରିନ୍ଦମ ବିଶ୍ୱଜୟୀ ବୀର !
ଉଠ ହେ ମାନବ ! ଉଚ୍ଚେ ତୋଳ ଶିର,
ଜୀବନ ଆହବେ, ବିଜୟ ଗୌରବେ
ଲଭ ମଙ୍ଗଳ ପରିତ୍ରାଣ ।—

# ପୁରୁଣା ଓଡ଼ିଆ

ଭଗ୍ନ କୁଟୀରେ ହେ କୃଷକ ଭାଇ
ଅର୍ଦ୍ଧମୃତ ତୋର ପରିବାର,
ନିତ କ୍ଳାନ୍ତ ନିତ ଖଟଣୀ ସାରତୋ'
ନମିଳଇ ପୂର୍ଣ୍ଣ ଅହାର ।
ନଈବଢ଼ି ପାଣି ଧୋଇ ଦେଲା ତୋ'ର
ଯତ୍ନ ବର୍ଷିତ କେଦାର,
ନଗର ନିବାସୀ ନବୁଝିଲେ କେହି
ଲୁଟି ନେଲେ ତୋ'ର ଭଣ୍ଡାର ।
ଦିନ-ଖରା-ବର୍ଷା-କାକର ସହିତୁ
ବଳେ କେତେ କାମ କରିଚୁ,
ମହାଜନ ଦାଉ ଟିକସ ଜ୍ୱାଳାରେ
ନିତି ନିତି ଅଶ୍ରୁ ଝାରିଚୁ ।
ଦୀର୍ଘ ହତାଶ ନିଃଶ୍ୱାସ ତୋ'ର
ଆଜି ନମିଶିବ ମାଟିରେ,
ଦେଢ଼ କୋଟି ଅଜ ଉଠିବେ ଓଡ଼ିଆ
ଜଡତାର ମୋହ କାଟି ରେ ।

( ଖ )

ହେ ଦୀନ ଶିଳ୍ପି ! କୁଟୀରେ ତୁମର
ଅସ୍ତ୍ର ପଡ଼ିଛି ଅଳସେ,
ବିଦେଶୀ ବିଳାସ ବ୍ୟସନେ ସାରିଲୁଁ,
ଧନ ଆମେ ବୃଥାରଭସେ ।
ନ ସ୍ମରିଲୁ ତୋ'ର ପୂରବ ଗୌରବ
ନ ଚାହିଁଲୁ ଦୀନ ଦଶା,
ଆପଣା ଚରଣେ ହାଣିଲୁଁ କୁଠାର
ଜଗତେ କି ଲୋକହସା !
ଭୟ ନାହିଁ ଭାଇ ଜାଗିଲାଣି ଏବେ
ପୁରୁଣା ଓଡ଼ିଆ ପ୍ରାଣ,
ଶିବ ଶିଳ୍ପୀ ଯେବେ ମହତ ବିଭବ
ମନ୍ଦିର ରଚିବା ଠାଣ ।

ଚାହା ବଗିଚାର କୁଲିଗିରି ଆଉ
ନ ଡ଼ାକିବ ଆମ ସୁତେ,
ଆପଣା ଗୋଡ଼ରେ ଛିଡ଼ା ହେବେ ସେହି
ଉଚ୍ଚ ହେବେ ନିଜ କୃତେ ।
ନିଜ ହାତେ ନିଜେ ହେବେ ସେ ମଣିଷ
ନ ଚାହିଁବେ ପର ଦୁଆରେ,
ମୁକ୍ତି ତରଣୀ ଭାସିବ ଏଥର
ରକ୍ତର ପାରାବାରେ !

ଗ

ହେ ବୀର ବନ୍ଦୀ ! କାରାଗାର କୋଣେ
କଳଙ୍କିତ ତବ ଅସି,
(ଏବେ) ଝଲେ ନବ ଜ୍ୟୋତିଃ ଅମୃସ ଫଳକେ
ଲିଭି ଯାଇଅଛି ମସି ।

କିଏ ହସି ହସି ଦେବ ପ୍ରାଣ ଭାଇ
ବିଶ୍ୱ ଡ଼ାକୁଛି କାହାକୁ ;

କିଏ କାନ୍ଦି କାନ୍ଦି ଗାଇବ ଗୀତଟି
ଆଗୁସାର ସବୁ ଦେବାକୁ ?

କିଏ ବହିନେବ ଛିନ୍ନ ପତାକା
ଉଠାଇବ ବୀର-କେତନ

ଆସ ଅଗ୍ରେ, ଆସ ତରୁଣ ତପସ୍ୱି !
କୋଟି କଣ୍ଠ ଡ଼ାକେ ସଘନ ।

# ଅଜି

ଆଜ ମାଆ ତୋର ମଙ୍ଗଳ ନେତ୍ରେ
ନବୀନ ଆଲୋକ ଜଳା ଲୋ ,
ଦେଢ଼କୋଟି ମୋର ଓଡ଼ିଆ ଭାଇଙ୍କୁ
ନବ କରମରେ ଜଗା ଲୋ ।
ଆପଣା ହାତରେ ଆପେ ଛେଦେ ଶିର
ନିଜ ବିଷେ ନିଜେ ମରନ୍ତୁ ,
ମାଆ ରୁ କପଟ ଦୂରେ ଛଡ଼ା ହୋଇ
ପାଷାଣ ପରାଣେ ରହିଁବୁ ?
ସାର୍ଥକ ଆଜ ହେଉଲେ ଜନନି ! ସନ୍ତାନ ଅଧିକାର ,
ଦୂରେ ଯାଉ ନବ ଜୀବନ ଜ୍ୟୋତିଃରେ
ଯୁଗାନ୍ତର ଅନ୍ଧକାର ।
ଆଦର,ଆଦର,ଆଦର—
ପିପାସୀ ଆସିଚୁଁ ଭଉଣୀ ଭାଇ,
ମାଆ ତୋ ରକ୍ତ ଅଞ୍ଚଳେ କହ
ସ୍ଥାନକି ଆମର ନାହିଁ ?
ଆନନ୍ଦ,ଆନନ୍ଦ,ଆନନ୍ଦ—
ଲାଳସୀ ଆସିଛୁ ଭଉଣୀ ଭାଇ
ମାଆ ତୋ, ଅମୀୟ ଅଙ୍କ-ଆସନେ
ସ୍ଥାନ କି ଆମର ନାହିଁ ?



—*C*—

# ସାନ୍ତ୍ୱନା

ଝରୁଛି ଅଶ୍ରୁ, ଦୀର୍ଘଶ୍ୱାସେ
ବକ୍ଷ ବିଦୀର୍ଣ୍ଣ ତୁମର,
ବରଷ ବରଷ ବଢିଲାଣି କ୍ଳେଶେ,
ପଡ଼ୁଛି ମହ୍ଲୀକ ଅଧର ।
ଆଶାବାଣୀ କେହି କହି ନାହିଁ କାନେ,
ଆଶାଗୀତ କେହି ଗାଇନାହିଁ ପ୍ରାଣେ,
ଚିର ଅବସାଦେ ଲୋଟି ଧୂଳିଶେଯେ
ଜୀବନ ଯିବକି ବାହାର;
ନାହିଁ ନାହିଁ ଗୃହଁ ନେବ ମେଲାଇ
ଆଜ କିଏ ତବ ଦୁଅରୀ ।
ଦେବତାର ଦୀପ କନକ- ଆଲୋକେ
ମଙ୍ଗଳ କରେ ଜଳଇ,
ତୁମ ଦୁଃଖ, ଦୈନ୍ୟ, ବେଦନା ଆଘାତେ
ଛଳ ଛଳ ଅଖି ଝରଇ;
ନିଅ ବର ତବ ଦ୍ୱାର ଅରିନ୍ଦମ,
ଥୁଅ ଥୁଅ ପାଦେ ଅରଘ ଚନ୍ଦନ,
ଦେଢ଼ କୋଟି ନରନାରୀ ଉଠ ଆଜ
ପାହିଲାଣି କ୍ଳେଶ ଶର୍ବରୀ ।

# ସୁପ୍ରଭାତ

ଚାହାଁ ! ଚାହାଁ ! ଉଦେ ଚାରୁ ମିହିର
ତେଜ ଜଡ଼ତା ଉଠ ହେ ଧୀର
ଉଠ ହେ ଧୀର କରମ ବୀର ।
ନବ ପ୍ରଭାତ, ନବ ଅମୃତେ
ନବ ଜୀବନ ଦେଉଛି ମୃତେ,
ତେଜି ଅନୃତେ
ଉତ୍କଳ ସୁତେ,
ଦୂର କର ଅନ୍ଧ ନୟନ ତିମିର ।
ପ୍ରଚୁର କାକଳି ଦିଗ ଦିଗନ୍ତ
ବିହଙ୍ଗ ଗୀତେ ନବ ଉଦନ୍ତ
ଶତ ସୁବାସିତ ସୁମନ-ଗନ୍ଧେ
ମଧୁର ମଳୟ ସମୀର ।
ଉଠ ଆଜ ଦେଢ଼କୋଟି ନରନାରୀ,
ଦେବତ୍ୱ ମହତ୍ତ୍ୱ ନଦିଅ ହେ ସାରି,
ନିଖିଳ ଜଗତେ ରହି ଚିର ନିଃସ୍ୱ
ନହୁଅ ଲାଜରେ ନତଶିର ।

# ଭାରତ-ରମଣୀ ।

ସଫଳ ଜନମ                ସଫଳ ଜୀବନ
ମୁଁ ପରା ଭାରତ ରମଣୀ,
ମୋ ତ୍ୟାଗ ପୁଣ୍ୟ          ସହିଷ୍ଣୁତା ଗୁଣେ
ମୋହିବ ନିଖିଳ ଧରଣୀ ।

ନାରୀତ୍ୱର ପୂଜା ନାରୀତ୍ୱେ ଆଦର
ଲଭି ଶ୍ରେଷ୍ଠାସନ ଜାୟା ଜନନୀର
ବିଧି ବିଧାନେ ମୁଁ ଶକତି, ସାବିତ୍ରୀ
ମୁଁ ଶାରଦା, ଲକ୍ଷ୍ମୀ ରୂପିଣୀ ।

ପ୍ରବୃତ୍ତି ନୁହେ ମୋ' ନିବୃତ୍ତି ପନ୍ଥା,
ସଂଯମ, ଶାନ୍ତ ଜୀବନେ ଗୁନ୍ଥା
ବୈଧବ୍ୟ ବସନେ, ଚିତାର ଦହନେ;
ମୂର୍ତ୍ତିମତୀ ଧର୍ମ ଧାରିଣୀ ।

ଆତ୍ମଶକ୍ତି ଲୀଳା ନର କଳେବରେ
ଉଠିବ ବିଶ୍ୱ କଟାକ୍ଷ ମାତରେ
ମୁଁ ତ ଆଦ୍ୟାଶକ୍ତି
ଭକତି ଆରତି          ଅନ୍ତିମ ମୁକ୍ତି ସରଣୀ ।

# ମଣିଷ ଭାଇ

ଶୁଣ ହେ ମଣିଷ ଭାଇ !    ଝୁର ସରବାକୁ ବୁଡ଼ ମରବାକୁ
ମଣିଷ ଜନମି ନାହିଁ ।

ଶତ ହତାଶ୍ୱାସେ ସାରବ ସଂସାର ନାଶେ ନବଡ଼ ଅନ୍ଧାରେ,
ଚିର ଶୃଙ୍ଖଳିତ, ଲାଞ୍ଛିତ, ବଞ୍ଚିତ, ପୀଡ଼ିତ କପଣ କାରାରେ,
ଏ ନୁହେ ମାନବ ନିୟତି,
ଧ୍ୱଂସର ଯାତ୍ରୀ, ମୃତ୍ୟୁର ଧାତ୍ରୀ ନୁହେ ଏ ବିଶାଳ ଜଗତ
ଶୁଣ ହେ ମଣିଷ ଭାଇ !
ଅମୃତ ଦୀପ୍ତି ସନ୍ତାନ ତୁମେ ମରଣ ତୁମର କାହିଁ ?

୨

ଶୁଣ ଶୁଣ ନରନାରୀ ! ବିଳାସର ଲୀଳା ନିକେତନ ବିଶ୍ୱ
ନୁହଇ ସତତ କାହାର !
କ୍ରୂର ଅତ୍ୟାଚାରେ ଦାନବ ଦୁର୍ବଳେ ରକ୍ତେ ପିପାସା ଶମିବ
ନତଶିରେ ସୁଖେ ଶ୍ରୀପାଦ ଅରପି ଆପଣାକୁ ଆପେ ବଧିବ
ଏ ନୁହେ ବିଧାତା ବିଚାର,
ଧ୍ୱଂସର ଯାତ୍ରୀ, ମୃତ୍ୟୁର ଧାତ୍ରୀ ନୁହେ ଏ ସୁନ୍ଦର ସଂସାର

୩

ଶୁଣ ଶୁଣ ବିଶ୍ୱବାସି ! କରମର ଶୁଭ ଭୁବନ ଏହିଟି
କରମରେ ଶ୍ରମ ନାଶି,
ଉଠ ଦେବ ତେଜେ ତେଜି ଲାଜ ଭୟ ଅପମାନ ଅହମିକା,
ପଶୁତ୍ୱ ଦେବତ୍ୱ ପରୀକ୍ଷାରେ ଜୟୀ ଲଭ ଗୌରବର ଟିକା
ଧରଣୀକର ଭବତ୍ରାଣେ
ତାଙ୍କ ରଚ୍ଚ ଚରାଚର ଚରଣରେ ବଳି ଦିଅ ନିଜ ପ୍ରାଣେ ।

୪

ଶୁଣ ଶୁଣ ଅରିନ୍ଦମ ! ଷଡ଼ରପୁତ୍ର, ଦେବତା ପୁତ୍ର
ତାହାଦଳେ ତବାସନ ।
ଶତ ଘାତଶିରେ ଶୋଣିତ ସ୍ରାବରେ ନୁହଁ କ୍ଲିଷ୍ଟ ନୁହଁ କ୍ଷୀଣ,
ଶତ କଳୁଷର କଳଙ୍କ କାଳିରେ ନୁହଁ ହୀନ ନୁହଁ ଦୀନ,
ବିଧାତାର ବରପୁତ୍ର
ଯୁଗାନ୍ତ-ମୃତ୍ୟୁ ରଜ୍ଜୁ ଛିଣ୍ଡାଇ ଧର ହେ ଜୀବନ ସୂତ୍ର

# ଗୃହ

ଚହିଁଲେ ଗୃହ, ଚହିଁଲେ ଗୃହ
କେତେ କହୁଅଛ ସଙ୍ଗୀତ ?
ଅନ୍ଧାରେ ଝିଣ୍ଟି କଣ୍ଠାଟି ଫୁଟି
ପହିସେ ପୀଡ଼ିତ ଗୋଡ ହାତ ।
ଚିର ନଷ୍ଟ ରୁଦ୍ଧ ପଡ଼ିଥିବୁ ତଳେ
ଏ ନୁହେ ନିଷ୍ଠୁର କଶାଘାତ
କ୍ଷୁଦ୍ର ଦୀପଟି ତେଜଧର ଭାଇ
ଦଣ୍ଡେ ଛାଡ଼ି ହେବ ସୁପ୍ରଭାତ ।
କିପାଁ ଘରକୋଣେ ଲୁଚି ବସ ଭାଇ
ରଣ ତୁରୀ ଭେରୀ ବାଜଇ
ବୀର କଣ୍ଠର ଆଶାରେ ଉତ୍ଫୁଲ୍ଲ
ହୁଅ ହୁଅ ଆଗେ ରଣଜୟୀ ।
କିପାଁ ଭୀତ ହେଉ ବୋଇତ ବାହୀ ତୁ
ଦେଖି ଭୀମ ଊର୍ମି ସାଗର,
ଅଦୂରେ ଅଛି ତୋ ଆଶା ବିଶ୍ରାମର
ସୁନ୍ଦର ପ୍ରିୟ ବନ୍ଦର ।

# ମାଗୁଣି ।

ମାଗୁଣି ମୋହର ଅନ୍ତ ହେଉ ଆଜି
ଶାନ୍ତ ଚରଣ ତଳରେ ,
ଶ୍ରାନ୍ତ ଅନ୍ତର ଶାନ୍ତି ଲଭୁ ମୋ
ନବୀନ କରମ ବଳରେ
କରମ ଭୁବନେ ଦେଇଛ ଜନମ
ହରଷେ ନସରେ ଯେସନେ,
ବିଷାଦ ବିକାଶ ଶେଷ ଦିବସକୁ
ତୃଷ୍ଣା ନ ପଡ଼ୁ ଏ ଜୀବନେ ।
ମରିବ ଦିନେ ମରଣ ବଞ୍ଚିବ
ଏତିକି କରୁଣା କରହେ,
ରାଜ ଅଇଶ୍ୱର୍ଯ୍ୟ ନ ଦିଅ ପଛକେ
କିଙ୍କର ରୂପେ ବର ହେ ।

# ପ୍ରାର୍ଥନା

ସାରା ରାତ କଳ୍ପଭରା ଜୀବନର ଧ୍ରୁବ ତାରା,
ଢାଳ ଢାଳ ମୋ' ନୟନେ ଆନନ୍ଦ ଅମୃତ ଧାରା ।
ଘନ ତମସ ନରାଶେ
ବଶ୍ୱାସ ମୋହର ନାଶେ,
ଫୁଟି ଉଠ ଏ ପରାଣେ ପ୍ରେମାଲୋକେ ନେଇ କାରା ।
ଚିର ମୁଁ ତୁମର ଆଶୀ
ମୋ' ଚିତ୍ତ ଗଗନ ବାସୀ;
ହର ମୋ' ଦୁର୍ବଳ ଦେହ କଳୁଷ ଜଞ୍ଜାଳ ଭାରା ।
ତବ ପରଶ ରତନେ
ଗଢ଼ ଏ ପିଣ୍ଡ ଯତନେ,
ଦୂର କର ମୋ' ଦୂରିତ ନିବାର ଶୋକାଶ୍ରୁ ଧାରା ।

# ଆଶ୍ଳେଷ

ଯଦି ବଜେ ଆଜ ରାଜ ମହାରାଜ
ମୋହର ଦୁଆରେ ପ୍ରଭୁ ହେ
ଭାଙ୍ଗି ତବ ଉଚ୍ଚ ମାନ ସିଂହାସନ,
ଛିଣ୍ଡାଅ ଶୃଙ୍ଖଳ ସବୁ ହେ ।

୨୮

ଧୂଳିରେ ଧୂସର ତନୁଟି ମୋର
ବସନ ଭୂଷଣ ହୀନ ଲାଜଢୋର,
ରକ୍ତ-ମଥିତ, ଅଶ୍ରୁ ବ୍ୟଥିତ,
ଯେନ ମମ ସ୍ୱାମୀ ଏ ଦେହଭାର ।
ପଙ୍ଗୁ ମୁହିଁ ଉଠି ନ ପାରେ,
ଅନ୍ଧମୁହିଁ ଗୃହିଁ ନ ପାରେ
ଜାଳ ଆଲୋକ, ଢାଳ ପୁଲକ,
ବୁଡ଼ାଅ ପ୍ରେମ ପାର୍‌ବାରେ
ଭଗନ ହୃଦୟ ମନ୍ଦିରେ ଆଜ
ନଗନ ପ୍ରାଣ ବେଦୀରେ
ଶୋଣିତ ଚନ୍ଦନେ ଅଭିଷେକ ତବ
ନୀରବ ନିବିଡ଼ ବାଞ୍ଛରେ
ଘନ ଆଲିଙ୍ଗନ ମଝିରେ
ପାଇବ ମରମ ଛୁଞ୍ଛରେ,
ଭାତିବ ନୟନ ଜ୍ୟୋତିଃରେ
ଯୁଗ ଯୁଗାନ୍ତର ଅନ୍ଧାର ।
ଶତ କ୍ରନ୍ଦନ ରୋଳେ,
ଶତ ବନ୍ଧନ ଭୋଳେ
ଚିର ସୁନ୍ଦରେ ମୋର ପାଇବ ଆନନ୍ଦେ
କମ୍ପିତ ବକ୍ଷସ୍ଥଳେ ।

# ମୋକରଣୀ

ଏ ଚିର କଷଣୁ ତ୍ରାଣ ହେ ନାଥ
ନୁହେ ସେ ଚରଣ ମାଗୁଣି
କଷଣ ଦୁଷଣେ କରଣୀଟି ମୋର
ନେବ ଏ ଜୀବନେ ବରଣି ।
ଏ ଭବ ଅର୍ଣ୍ଣବ ପାର ପାଇବାର
ଜାଣେ ଶ୍ରୀପଦଟି ତରଣୀ
ନିଜ ମୁକ୍ତି ଲାଗି ନ ଆଶ୍ରିବି ତହୁଁ
ବୁଡ଼େ ଯେବେ ଆନ ପରାଣୀ
କରମ ମୋହର ହେଉଟି ଧରମ
ଶରମେ ନସେଇବ ଧରଣୀ,
ରାଜ ଅଇଶ୍ୱର୍ଯ୍ୟେ ନଭୁଲୁ ମରମ
ନଲୋଡ଼ୁ ସଂପଦ ସରଣୀ ।

# ନିର୍ମାଣୀ ।

ଅଶ୍ରୁରେ ଆଜ ଧୋଇ ଅଛୁ ମୋର
ମରମର ଅହଂକାର
ପ୍ରାର୍ଥନା ମୋର ପଥୃରେ ନିବାର
ନିରାଶାର ହାହାକାର ।
ଦୁଃଖରେ ଆଜ ତେଜ ଅଛୁ ମୋର
ଗର୍ବର ମେଘାସନ,
ଅଘାତରେ ଆଜ ଚୂର୍ଣ୍ଣ ମୋହର
କଷ୍ଟର ଅଭରଣ ।
ଭଗ୍ନବୀଣାର ତାର,
ଭୁଲଅଛୁ ପ୍ରିୟ ଲଳିତ ରାଗିଣୀ
ଛନ୍ଦର ଅଳଂକାର
ଏତିକି ମାଗୁଣି ଚରଣେ,
ପରାଜୟ ଦୁଃଖେ ଜନ୍ମ ଯୋ' କରମ
ଯେପଥେ, ନ ମରବ ଚର ମରଣେ ।

# ଶ୍ରୀ ଛାମୁ

—o—

ଯେ ଦନ ଅନ୍ଧାରେ ଶୁଭ୍ର ତୁଷାରେ
କମ୍ପୁଥିବ ଶୀତ ନଶୀଥେ,
ଜଳୁ ଜଳୁ ତବ କ୍ଷୁଦ୍ର ପ୍ରଦୀପ
ଗୁପ୍ତ ଏ ଚଉରେ ତ୍ରିମିରେ ।

ଯେ ଦିନ ରୁଦ୍ର ରୌଦ୍ର ଦହନେ
ରୁନ୍ଧିଥିବ ତୃଷା ଘର୍ମ୍ମରେ,
କ୍ଷୁଦ୍ର ତୁମର କୃପା ଝରଣାର
କଲଗୀତ ବାଜୁ ମର୍ମରେ ।
ଯେ ଦିନ ନୀରବ ରୋଗ ଶେଯେ ପଡ଼ି
ନୟନ କାନ୍ଦିବ ରୁଧିରେ,
ଅଲକ୍ଷିତ ହାତେ ଛୁଇଁ ଯାଅ ମୋତେ
ସ୍ନେହୀ ସଖା ସମ ସୁଧୀରେ ।
ଯେ ଦିନ ଭିକାରୀ ପରିଏ ବୁଲିବ
ହକାରି ଦୁଆରେ ଦୁଆରେ
ତୁମର ଭଣ୍ଡାର ମେଲି ଥାଉ ପ୍ରଭୁ
ଦୀନ ଦୁଃଖିତର ଆଶାରେ ।
ଯେ ଦିନ ଭୀଷଣ ରଣ ପ୍ରାଙ୍ଗଣରେ
ଏକା ହୋଇଥିବ ଛିଡ଼ା ମୁଁ,
ଶତକରେ ଶସ୍ତ୍ର ଧରି ତାହାର ବ
ଶତ ବୀର ବେଶେ ଶ୍ରୀଘ୍ରମ୍ ।
ଯେ ଦିନ କଠିନ କାରା ନିଗଡ଼ରେ
ହାତେ ହୋଇଥିବ ବନ୍ଧନ,
ନକ୍ର ନାଶନ ଚକ୍ର ତୁମର
କରୁ ତାହା କ୍ଷଣେ ଛେଦନ ।

## ନର ନାରାୟଣ

ତୁମେ ଏଇପଥେ ଯିବ ବୋଲି
ସାରାରାତି ଧରି ଥିଲି ଉଜାଗର
ରଖିଲି କବାଟ ଖୋଲି ।

ଶା୪

ବଉଦ ସୁନ୍ଦର ମୋହନ ଲୀଳା
ଆକାଶେ ଅମିୟ ଆଲୋକ ମେଳା,
ଶୁଭ୍ର ଚନ୍ଦ୍ରାତପ ଥାପି, ଅନନ୍ତ ଦିଗନ୍ତ ବ୍ୟାପୀ
କୋଟି ତାରା ଦୀପେ ମଙ୍ଗଳ ଆଳତି ଜାଳି ।
ହୃଦ ଉଲସାଇ ବାସ ଭରଦାଇ
ଫୁଟାଇ କୁସୁମମାଳ ।

ନିଖିଳ ଜାଗିଲା ତୁମର ପାଇଁ
ମହାମହିମଙ୍କୁ ଥିଲା ଅନାଇଁ,
ବହିଲା ସୁବାସ ମଳୟ ମନ୍ଦେ,
ଗାଇଲେ ବିହଙ୍ଗ ଲଳିତ ଛନ୍ଦେ
ତବ ସ୍ତବ ସ୍ତୁତି ବନ୍ଦନା,
ନବ ଧାନ ଦୂବ, ଚନ୍ଦନ ଫେନ
ସଜାଡ଼ିଲା ଅର୍ଘ୍ୟଥାଳୀ ।

ତୁମେ ଗଲ କେଉଁ ପଥେ
କେହି ନ ଜାଣିଲା ସତେ,
ଦରିଦ୍ର ଇତର ବେଶେ ଦ୍ୱାରେ ଦ୍ୱାରେ
ପଡ଼ିଲା ଶ୍ରୀପାଦ ଧୂଳି,
ଶତ ଛିନ୍ନ ତବ ଭିକ୍ଷାର ଥଳି
ପୂରାଇଲ ବୁଲି ବୁଲି ।
କେହି ନ ଚିହ୍ନିଲେ ନର ନାରାୟଣ—
ଛଦ୍ମେ ପ୍ରେମ ଦେଲ ଢାଳି ।

# ବିଷାଦିତର ବିଶ୍ୱାସ

ଚିରମାଘ ନ ଥିବଟି ଏ ପୋଡ଼ା ଜୀବନେ
ଆସିବ ଫଗୁଣ ନିଶା ଦକ୍ଷିଣା ପବନେ ।
କାନ୍ଦେ ଆଜ ସିନା କ୍ଷୁବ୍ଧ କୋକିଳର ବଧୂ,
ଆସିବ ଅମୃତକାନ୍ତି ଫୁଲପନ୍ତି ମଧୁ ।
ଚମ୍ପାଚୂତ ଆଜ ସିନା ଝୁରିମରେ ପିକେ
ଯାଇବ ଯାଇବ କୋଳେ ବସନ୍ତ ରସିକେ ।
ପଞ୍ଚମ ବୀଣା ତାନେ
ଫାଲ୍ଗୁନ ନିଶା-ଯାମେ
ଝରିବ ସ୍ୱରଗ ସୁଧା ସଞ୍ଜୀବନୀ ଧାର,
ପିନ୍ଧିବ ଗୋ ତରୁକୂଳ ଫୁଲ ଅଲଙ୍କାର ।
ଆଉ ନ ଲୁଚିବ ଲାଜେ କେତକୀ କାମିନୀ
ଗୁଞ୍ଜନୀ ଚୁମ୍ବନେ ଯେବେ ଚୁମ୍ବିବ ଯାମିନୀ
ନବୀନ ବକୁଳମାଳ ବାସ ଚହଟାଇ
ବହିବ ମଳୟ ମନ୍ଦ ହୃଦ ଉଲ୍ଲସାଇ ।

[୨]

ଛପାଁ ଅଭିମାନେ କାନ୍ଦ ଗୋଲାପ ମଲ୍ଲିକା,
ଫୁଟିବ ଫୁଟିବ ବାସ କୁସୁମ କଳିକା,
ଶୋଭିବ ଚିକ୍କଣ ଗୁଳ୍ମ କୋମଳ ପଲ୍ଲବେ,
ଶୀତଶୀର୍ଣ୍ଣ ପତ୍ରହୀନ ଝୁରୁଛ ନୀରବେ ।

ନବୀନ ବାସନ୍ତୀ କାନ୍ତି
ନାଶିବ କଷଣ ଶ୍ରାନ୍ତି,
ହରିବ ଦୂଷଣ ଶିଶୁ ଫୁଟିବ ଆନନେ—
ହସିବ ବସନ୍ତ ଯେବେ ଗଗନେ ଗହନେ ।
ବାଜିବ ବିନୋଦ ବୀଣା ଫୁଲ କୁଞ୍ଜେ କୁଞ୍ଜେ
ରସିବେ ବିହଙ୍ଗ ନବ ଗୀତ ମଞ୍ଜୁ ପୁଞ୍ଜେ ।

୩

ଚିର ମାଘ ନଥିବଏ ପୋଡ଼ା କପାଳରେ
ଜାଳ ମୋ' କମଳ ବନ ଶିଶିର ମାଳରେ
ହାସ ବାସ ରସ ମ୍ଳାନ ଦୀନ ଅରବିନ୍ଦ
ଉଷ୍ଣରେ ଝୁରଇ ମଧୁ ତୃଷିତ ମିଳିନ୍ଦ
ଉଦାସେ ଆକାଶେ ଚାହିଁ କାନ୍ଦେ କୁବଳୟ
ହେରି କ୍ଷୀଣ ପ୍ରଭାକରେ ଅଥୟ ହୃଦୟ ।
ହେବ କ୍ଲେଶ ଅବସାନ
ଘୁଞ୍ଚିବ ତା' ଅପମାନ,
ମଧୁର ମାଧବୀ ପ୍ରାତେଃ କନକ କିରଣେ
ନଖିଳ କୁସୁମ ଶ୍ରେଣୀ ଅରୁଣ ଚରଣେ
ପ୍ରେମେ ଢଳ ଢଳ ହସି ହେବ ପ୍ରଫୁଲ୍ଲିତ,
ଶୋଭିବ ସରସୀ ଜଳ ମୃଦୁ ହିଲ୍ଲୋଳିତ ।
ଶିର ନମଇବ କ୍ରୂର ତୁଷାର ତରାସେ
ଗନ୍ଧ ବିକଶିବ ମନ୍ଦେ ବକୁଳ ଉଲ୍ଲାସେ ।
ଶତ ସୁରଭି ସୁମନ ସାଜେ ଶୋଭାମୟୀ
ମଳୟ ଉଲ୍ଲାସେ ରସି ହସିବ ତ ମହୀ,

ଚିର ମାଘ ନ ଥିବ ତା ପୋଡ଼ା ଅଦୃଷ୍ଟରେ,
ଚିର ନ ଦଳିବ ବଳୀ ଦର୍ପିତ ପାଦରେ
ଏ ନୁହେଁ ନିୟତି
କେହି ଚିର କୁଟୀ କୋଣେ କେହି କୋଠିପତି ।

୫

ଚିର ମାଘ ନ ଥିବ କା ପୋଡ଼ା କପାଳରେ
ଚିର ନିଶା ନ ଭାସିବ ନୟନ ଜଳରେ
ଦୀର୍ଘ ଦାରୁଣ ଶାସ୍ତି,
କ୍ରୂର କଷଣ କ୍ଲାନ୍ତି,
ଚିର କା କଙ୍କାଳ ପେଷି ନ କରିବ କ୍ଷୀଣ,
ଅକାଳେ ଜୀବନ ତନ୍ତ୍ରୀ ନ ହେବଟି ଛିନ୍ନ ।
ନ ହଜିବ ମନୁଷ୍ୟତ୍ୱ ତେଜଃ ବୀର୍ଯ୍ୟରାଶି
ହସିବ ବସନ୍ତ ଦିନେ ଜୀବନେ ବିକାଶି ।

୬

ଚିର ମାଘ ନ ଥିବ କା ପୋଡ଼ା କରମରେ
ଚିର ନ ଝରିବ କେହି ଲାଜ ସରମରେ ;
ହରୁଥିବେ ଅତ୍ୟାଚାରୀ ଦୁର୍ବଳ ସମ୍ପଦ
ବଞ୍ଚିତ ଲାଞ୍ଛିତ ବକ୍ଷେ ସ୍ଥାପିବେ ଶ୍ରୀପଦ ।
ଦୁଃଖୀ ଦୁଃଖ ଦେଖି ନିତି କାନ୍ଦୁଥିବ ବନ୍ଧୁ
ନୋହିବ କଙ୍ଗାଳ ନିତି ନିପୀଡ଼ିତ ନିଃସ୍ୱ ।
ଏ ନୁହେଁ ବିଧି ବିଚାର,
ଚିର ନ ରହିବ କାର ଗର୍ବ ଅହଂକାର ।

ଚିର ମାଧ ନ ଥିବ କା ପୋଡ଼ା ଅଦୃଷ୍ଟରେ,
ଚିର ନ ଦାହିବ କେହି ନିରାଶ କ୍ଲେଶରେ;
ଜନମ ଜନମ କାର ନ ଯିବ ବିଫଳ
ହତାଶ୍ୱାସେ ଭଲ ଭାଗ୍ୟ ଦେଙ୍ଗେ କର କଲ ।
ଧରଣୀ ଧୂଳିରେ
ଈଶ ସୃଷ୍ଟି ହାର ନର ଯିବ କି ମିଶିରେ
ଏକା ତାର ଶେଷ ?
ନୁହେଁ ନୁହେଁ ଅଛି ଭରି ଜୀବନ ଅଶେଷ ।

୮

ବ୍ୟର୍ଥ ଏ ମାନବ ଦେହ ଯ ଧରିଲି ଭବେ
ମାନବର ଆଶା ଯଦି ନ ପୂରିବ ଲବେ,
ଜନମ ଜନମ ବୁଲି ଲଭିବ କି ଫଳ
ଅନ୍ଧ କର୍ମ ସୂତ୍ର-ମାନ ଯଦିତା ସମ୍ବଳ ?
ଦେବତ୍ୱ , ମହତ୍ତ୍ୱ ,
ନାହିଁ ଯଦି ଜୀବନେ, କେ ଗୃହେଁ ମାନବତ୍ୱ ?
ବିଧାତାର ଛଳ
ନୁହେ ଏ ଜଗତ ବୃଥା ମାୟାର କୌଶଳ ।
ବୃଥା ଇନ୍ଦ୍ର ଜାଲ ଝଲ ଦେଖିକେ ଭୁଲିବ,
ଶତ ଶୋକ, କଷ୍ଟ, କ୍ଲାନ୍ତି କହ କେ ସହିବ ?
ଜରା ମୃତ୍ୟୁ ଦୈନ୍ୟରାଶି କେ ବହିବ ଶିରେ ।
ମାନବର ଆଶା ଯଦି ନ ପୂରେ ମହୀରେ ।

୯

ଚିର ମାଘ ନଥିବ କା' ପୋଡ଼ା ପରାଣରେ
ଚିର ନଯିବ କା' ଦିନ ପର ଶରଣ ରେ,
ଶୀର୍ଣ୍ଣ ନଶୋଇବ ଜୀର୍ଣ୍ଣ ପାନ ନିକେତନେ,
ଅଶନ ବସନ ଚିନ୍ତା ମାରିବ ଜୀବନେ ।
ନିଜ ବଳ ଦାଢ଼େ ବସି ବୋଲାଇ ଭିକାରୀ,
ନିଜ ଅରଜିତ ବିତ୍ତେ ନୁହେ ଅଧିକାରୀ,
ମୁଣ୍ଡ ଝାଳ ତୁଣ୍ଡେ ପଡ଼ି ସେ କରମ ହୀନ
ଛିଣ୍ଡାକନ୍ଥା ସମ୍ବଳତା ଚିତ୍ତ ଚିନ୍ତା କ୍ଷୀଣ ।
ଏ ନୁହେ ଶାଶ୍ୱତ,
ନବ ଭୁଜ ବଳେ ଉଠିବ ସେ ପଦାନତ ।
ସେ କ୍ଷୁଦ୍ର ପାଷାଣ,
ଉଚିବ ହିମାନୀ ଶିଖ ମହାଗିରି ମାନ ।
କ୍ଷୁଦ୍ର ଦୀପାଧାର,
ପ୍ରଚଣ୍ଡ ମାର୍ତ୍ତଣ୍ଡ ତେଜେ ଜାଳିବ ସଂସାର ।

୧୦

ଚିର ମାଘ ନଥିବ କା' ପୋଡ଼ା କପାଳରେ
କାପିଁ ମୁଁ ଭାସିବି ତେବେ ନୟନ ଜଳରେ,
ଜାଣେ ଏ ଜୀବନ ନୁହେଁ ମାୟାର ଛଳନା,
ନିଷ୍ଠୁର ନିୟତି ଚକ୍ର ପେଷଣ ଯନ୍ତ୍ରଣା;
ଅକାଳେ ମରିବା ପାଇ
ଜଗତେ ଜନମି ନାହିଁ

ଅନନ୍ତ ଜୀବନ, ପ୍ରାଣେ

ଅନନ୍ତ ପ୍ରେରଣା,

ନୁହେଁ ମୁଁ ମାନବ ମାତ୍ର

ମାଟିର ଖେଳନା ।

ଜାଣେ ଏ ଜୀବନ ନୁହେ

ଜଳର ବୁଦ୍‌ବୁଦ

ଜିତି ନବ କର୍ତ୍ତବ୍ୟରେ

ହେବି ମୁଁ ଉଦ୍‌ବୁଦ୍ଧ

କରମ ଭୂମି ଏ ପ୍ରେମ

ଲୀଳା ନିକେତନ

ନୁହେଁ ନୁହେଁ ନିଛମେଳା

ଭବ ଆୟୋଜନ ।

# ଅଭ୍ୟୁପଦ

ଏଥର, ପ୍ରଭୁ, ଏଥର; ଭୟ ଦିଅ ଭାଙ୍ଗି ସବୁ ମୋହର ।
ଏଥର, ପ୍ରଭୁ, ଏଥର !
ତୁମର ବିଶାଳ ବିଶ୍ୱ ଭୁବନେ
ସାନ ହେଲେ ମୁହିଁ ତଥାପି ତ ଜଣେ
(ତେବେ) କିପାଇଁ କମ୍ପିତ, ଭୀତ, ବିଷାଦିତ
ଅବସାଦିତ ଏ ଅନ୍ତର !
ହିତ ନୟନରେ ହେରେ ଅନ୍ଧକାର
ଜଗତ ବ୍ୟଥିତ ଉଠେ ହାହା'କାର,
ରୁଦ୍ର ରୂପଧାରୀ ହେ ବିଶ୍ୱ ସଂହାର !
ଲୀଳାମୟ ଲୀଳା ସମ୍ବର ।
ଉପରେ ଦିଶେ ଯା ନିଷ୍ଠୁର ମରଣ
ସେତ ଜୀବନର ସ୍ନେହ ଆବରଣ,
ଦେଖାଅ ତା ମୋତେ, ଶିଖାଅ ତା ମୋତେ
ଯାଉ ଏ ଜଞ୍ଜାଳ ଜ୍ୱାଳା ରାଶି ଦୂରେ,
ସତ୍ୟ ରୂପେ ପ୍ରତିଭାତ ହୁଅ ନେତ୍ରେ
ମୋ ମାନସ ସରେ ହେ ଚିର ପବିତ୍ର
ଫୁଟ ଶତଦଳ; ସୁନ୍ଦର !
ହେ କ୍ରୂର ! ତୁମର କରୁଣା କିରଣ
ପରଶେ ପ୍ରଫୁଲ୍ଲ ବିବିଧ ବରଣ,
ମମ ମର୍ମ-ପ୍ରୀତି-ବୃତ୍ତି-ନିଚୟ
ଶୋଭୁ ସୁବାସିତ ପୁଷ୍ପ ନିକର !

---

# ନାରୀ ଶକ୍ତି

ଷୋଳ କୋଟି ପ୍ରାଣେ ଆସିଛି ଆହ୍ୱାନ
ଦୂର ମହାକାଶୁଁ ଆଜି
ଷୋଳ କୋଟି ନାରୀ ଉଠିବେ ଭାରତେ
କରୁଣା କଲ୍ୟାଣେ ସାଜି ।
କେତେଦିନ ଆଉ କହ କେତେଦିନ
ପୁଣ୍ୟ ଆର୍ଯ୍ୟ ଭୂମି ହୋଇଥିବ ହୀନ,
ହେର, ଅବସାନ ଆଜ ଦୀର୍ଘ ରାତି,
ଫୁଟେ ପ୍ରାଚୀମୂଳେ ନବାରୁଣ ଭାତି,

ଶତ ଶତ ପୂତ ପଦ୍ମିନୀ ପଯୂର ନୂପୁର ଝଠରି ବାଜ;
ଉଠିବେ ଭାରତ ଶକ୍ତି ସଂହତି,
ଜାଗିବେ ଭାରତେ ଉଦାର ଭାରତୀ,
ସ୍ୱର୍ଗ ସ୍ୱର୍ଗ ନେତ୍ର ମେଲାଇ ରେ ଜଡ଼ ମୂଢ଼ ମୋହନିଦ୍ରା ଭାଙ୍ଗ ।
ଭାରତର ନାରୀ ଭାରତ ସଂପଦ
ପୂଜ ଦେବୀ ଜ୍ଞାନେ ପଦ କୋକନଦ,
ଭଗିନୀ, ଜନନୀ, ଜାୟା, ସୁତା ମୁଖ
ଉଜ୍ଜ୍ୱଳୁ ଅମର୍ତ୍ତ୍ୟ ଆନନ୍ଦ ମୟୂଖ,
ସେ କିରଣେ, ତବ ଅନ୍ତର ଅନ୍ଧାର
ଘୁଞ୍ଚିବ ଜଞ୍ଜାଳ ଜ୍ୱାଳା ପାପ ଭାର,
ସଞ୍ଚରିବ ଭୁଜ ଦଣ୍ଡେ ରଣ- ଶକ୍ତି ।
ପ୍ରଫୁଲ୍ଲ ମାନସ ତାମରସ ଗନ୍ଧେ ସ୍ଫୁରିବ ଅମୃତ ଭକ୍ତି ।
ବସୁନ୍ଧରାତଳେ ଭାରତରମଣୀ ନୁହେ ହୀନ ନୁହେ ଦୀନ,
ଅମର ଭାରତ କୋଟି ଯୁଗେ କେବେଁ ଜଗତୁଁ ନୋହିବ ଲୀନ ।
ଯେତେଦିନ ବହୁଥିବ ଗଙ୍ଗାଧାର,
ହିମଗିରିଶିର ଶୋଭିବ ତୁଷାର,
ଆର୍ଯ୍ୟ ରମଣୀର କୀରତି କାହାଣୀ ମୃଦୁଳ ମଳୟ କରିବ ପ୍ରଚାର ।
ପୂତରାଜସ୍ଥାନେ, ରାଜଓ୍ୱାଡ଼ା ବନେ
କଳିଙ୍ଗେ କର୍ଣ୍ଣାଟେ, ବଙ୍ଗେ, ବୃନ୍ଦାବନେ,
ମିଥିଳା ବିଦର୍ଭ ବଙ୍ଗେ; ବିନ୍ଧ୍ୟାଚଳେ,
ଆର୍ଯ୍ୟ ମହିଳାର ମହିମା ଉଜ୍ଜ୍ୱଳେ ।
ଅଇ ସୀତା ସତୀ, ସାବିତ୍ରୀ, ପଦ୍ମିନୀ,
ସଂଯୁକ୍ତା, ସୁଭଦ୍ରା, ଜାନକୀ, ରୁକ୍ମିଣୀ,

ଜୀବନ୍ତ ଭାରତ ଜୀର୍ଣ୍ଣ କଙ୍କାଳରେ,
ଆର୍ଯ୍ୟ ମାତା ମରିନାହାନ୍ତି ପ୍ରାଣରେ ।
ଗୋପନେ ଗୋପନେ କ୍ଷୀଣ ଶିରାମଧ୍ୟେ ବହେ ତାର ପ୍ରାଣଧାର,
ମେନକା ପାଷାଣୀ ସୁତା କଣ୍ଠରେ ଘୂରିବ ତା' ହାହାକାର ।
ଲଭେ ନବ ଅଙ୍ଗ ନୋହିବ ତା ମଥା,
ହରିବ ଦୁହିତା, ଜନମୀର ବ୍ୟଥା,
ଷୋଳକୋଟି ନାରୀ ଉଠିବେ ଆନନ୍ଦେ 'ବନ୍ଦେ ମାତରଂ' ଗାଇ
ଭାରତ ଉଦ୍ଧାର ମହାମନ୍ତ୍ର ଦୀକ୍ଷା ନେବେ ସେ ଭଉଣୀ ଭାଇ ।
ଭୁଲ ନାହିଁ କେବେଁ ଭାରତ ସନ୍ତାନ
ନାରୀ ଚର ତାର ଦେବତା ପ୍ରଧାନ,
ବାଣୀ, ବୀଣାପାଣୀ, ଅନ୍ନଦା, ଈଶାନୀ,
ରମା, ନାରାୟଣୀ, ତ୍ରିତାପ ତାରିଣୀ,
ଧର୍ମେ କର୍ମେ ସଦା ସେ ସହଚାରିଣୀ ।
ବୃଥା ଉଚତଳେ ନକର ପ୍ରଚାର
ଭାରତରେ ହେଉ ନାରୀ ଅତ୍ୟାଚାର,
ବିଦେଶୀ ସରବେ ଗରବେ ବଖାଣି
ନ ଗାଆନ୍ତୁ ନାରୀ ଦୁର୍ଦ୍ଦଶା କାହାଣି;
ଉଠ ନବ ତେଜେ ଉଠ ଆର୍ଯ୍ୟ ସୁତ
ଅପମାନେ ଅନ୍ଧ ଅବଜ୍ଞାରେ ମୃତ
ଉଦ୍ଭେହେଉ ଆଜ ଦିବ୍ୟ ଦୀପ୍ତିମୟୀ
ସ୍ୱାହା ଅନଳର ପାଶେ,
ବଜ୍ରଧାରୀ ବାମେ ଶକ୍ତିମୟୀ ଶଚୀ ବଜ୍ରକୁ ଗରବୋଲ୍ଲାସେ ।
ହେଉ ଅବତୀର୍ଣ୍ଣା ଉମା ଘରେ ଘରେ
ତ୍ରିଶୂଳ ଧାରିଣୀ, ବିଶାଳ ଖର୍ପରେ

ପୋଛି ନେଉ ପାପ, ଦୈନ୍ୟ ସନ୍ତାପ,
ଉଠୁ ଭାରତ ତା ପ୍ରାଚୀନ ଦର୍ପରେ !
ମହା ମହିମାର ମହାତପୋବନ
ରଚିବେ ରମଣୀ ନୈମିଷ କାନନ,
ଭାରତର ବକ୍ଷେ ଧରି ଅଳଙ୍କାର,
ଦୂରେ ଯାଉ ଆଜି ଅମୃତ ଆନନ୍ଦେ—
ନୈରାଶ୍ୟ ବିଷାଦ ଆଉ ହାହାକାର
ବରଷ ବରଷ ମହା ଛଳନାରେ,
ମୃଣ୍ମୟୀ ପ୍ରତିମା ଷୋଡ଼ଶୋପଚାରେ,
ଆଉ ନ ପୂଜିବେ ବଙ୍ଗେର ସନ୍ତାନେ;
ଜୀବନ୍ତ ଜନନୀ ଚରଣ କମଳ
ଲଭିବ ଭକତି ଆରତି ବିମଳ,
ଆଉ ନ ମରିବେ ମାତୃ ଅପମାନେ,
ଘରେ ଘରେ ହେବ ମାତାର ପ୍ରତିଷ୍ଠା,
ବଢ଼ିବ ଶକତି ସାଧନାର ନିଷ୍ଠା,
ଭାରତ ସଦନୁଁ ମିଥ୍ୟାଚାର ରାଶି ଯିବ ଦୂରେ,
ବହୁ ଦୂରେ,
ପୂତ ମାତୃ ତୀର୍ଥ ରଚିବେ ରମଣୀ ଭାରତର
ଅନ୍ତଃପୁରେ ।
ବୀର ସୁତା ହେବେ ବୀର-ପ୍ରସବିନୀ
ଶତ ଅରୁନ୍ଧତୀ, ବଶିଷ୍ଠ ଶୋଭିନୀ,
ଯଶୋଦା କୁନ୍ତୀର ଯଶୋଗୀତେ ପୁଣି ନିନାଦିବ ଆର୍ଯ୍ୟ କ୍ଷିତି,

ଶତ ଦେବ ସୁତ ଅଦରେ ଶ୍ରୀ ଅଙ୍କେ
ଦୋଳବେ ପୁଣି ଅଦ୍ୟାଛ,
କୌଶଲ୍ୟା ସୁମିତ୍ରା ଶଚୀ ମାତା ଯାର
ସେ ତନସ୍ସ ସିନା ଦେଶ ଅହଂକାର,
ଫେରତ ଆସିବେ ଶିବାଜୀ, ପ୍ରତାପ,
ନକର ନକର ବୃଥାରେ ବିଳାପ,
ଉଠିଥିଲୁ ଦିନେ ପଡ଼ିଅଛୁ ତଳେ ନହୁଅ ନିରାଶ ଭାଇ,
ଉଠିବୁ ଏଥର କେଶରୀ ବିକ୍ରମେ
ମାତାର ଉଦ୍ଧାର ପାଇଁ ।
ମାଆ ସେ ଆମର ଧ୍ୟାନ ଆରାଧନା,
ମାଆ ତ ଆମର ସର୍ବାର୍ଥ ସାଧନା
ମାତୃ ନାମ ମନ୍ତ୍ର ଜପି ହୃଦତନ୍ତ୍ରେ
ଉଠିବୁଁ ଭାରତ ତରୁଣ ତରୁଣୀ,
ଉଠିବୁ ଏଥର ତେତିଶ କୋଟି ଆଉ ନତ ଶିରେ
ନଥିବୁ ମଉନୀ ।—
ଗଲାଣି ଆମର ଦିନ ଜଡ଼ତାର,
ଅପସରି ଯାଏ ଧୀରେ ଅନ୍ଧକାର,
(ଏବେ) ଭାରତର ବକ୍ଷେ ଏକ ମହାଲକ୍ଷ୍ୟେ
ବନ୍ଧା ନରନାରୀ ପ୍ରାଣ,
ମିଶି ଭ୍ରାତା ଭଗ୍ନୀ ଧୁଆଇବୁଁ ପ୍ରାଣପଣେ ମାତୃ ଅପମାନ ।
ଉଦ୍ଧାରିବେ ପୁଣି ଭାରତର ଭୂମି ଦୁର୍ଗା ଦଶ ପ୍ରହରଣେ,
ମନ୍ଦିରେ ମନ୍ଦିରେ ପୂଜିବେ ଯୁଗଳ ମୂର୍ତ୍ତି ଲକ୍ଷ୍ମୀ ନାରାୟଣେ,
ଈଶ୍ୱର ପାର୍ବତୀ ମିଶି ବେଦୀ ଅଙ୍ଗେ
ଶୋଭିବେ ଜାହ୍ନବୀ ବ୍ରହ୍ମପୁତ୍ର ସଙ୍ଗେ
ଆଉ ଥରେ ଆର୍ଯ୍ୟ ଧରା,
ହୋଇବ ଅଖିଳ ଅବନୀ ବନ୍ଦିତା ନନ୍ଦନର ଫୁଲ ଝରା ।

# ସାହସ

ଦୁଃଖ ଯେ ଦିନ ଘୋଟିଆସେ ମୋର
ରୁଦ୍ର ଉର୍ମିର ବେଶେ,
ସେଦିନ ଯେପରି ଭୟେ ନମରିବ
ଝଡ଼ ନାଶିଣୀ କ୍ଲେଶେ ।
ଅଶ୍ରୁ ଯେଦିନ ବୃଷ୍ଟି ପରାଏ
ନେତ୍ରେ ବହାଏ ଧାର,
ସେଦିନ ଯେପରି ଭୁବନେ ଭୁବନେ
ନଜାଗିବ ହାହାକାର
ମୃତ୍ୟୁ ଯେଦିନ କରାଳ ଲୋଚନେ
ତର୍ଜି ଗର୍ଜିବ ମୋତେ,
ନିଜର ମନ୍ତ୍ରେ କରିବି ତାହାକୁ
ନମରିବ ଅଣାୟତ୍ତେ ।
ଦୂର କର ମୋର ନିବିଡ଼ ନିରାଶ—
ବନ୍ଧନ ଗୋଟି ଗୋଟି,
କ୍ରନ୍ଦନ ମୋର ନଝୁରୁ ତ୍ରାସେ—
କଣ୍ଟକ କୋଟି କୋଟି ।

# ସୌଭାଗ୍ୟ

ଘନ ଗହନ ତିମିର ନିଶା
ଏକାକୀ ପଥିକ ଚାଲଇ ଦୂର,
କେ ଜାଣେ ତାହାର କହିଗଲା କଥା
ପାହିବ ତୋ' ଦୁଃଖ ବିଭାବରୀ—
ଉଠ ହେ ପାନ୍ଥ ତରୁଣ ତରୁଣି !
ପୂରବ ଗଗନ ଉଠେ ଅରୁଣି,
ନବ ଆଲୋକେ, ନବ ପୁଲକେ
ନିଖିଳ ଅବନୀ ହସିବ,
ଫୁଟିବ ପ୍ରସୂନ ବନେ ଉପବନେ
ନବଗାନେ ପିକ ରସିବ ।
ଶତ ଅତ୍ୟାଚାର ଅନାଚାର ରାଶି---
ବନ୍ଧନ ତବ ଖସିବ,
ନବ ମଙ୍ଗଳେ ନିଖିଳ ଧରା
ନବ ପ୍ରେମାନନ୍ଦେ ଭାସିବ ।

# ଆତ୍ମବଳ

ତବ ଆର୍ତ୍ତନାଦ ବେଦନା ବିନାଶି
କଣ୍ଠେ ଦିଅ ମୋର ଗୀତ,
ଶୁଣୁ ଚରାଚର ମୋ ବଂଶୀ ଝଙ୍କାର
କରୁ ତା ନିଖିଳ ନନ୍ଦିତ ।
ମାୟାଜାଲ ବୁଣା ଶେଷ ହେଉ ମୋର
ଗୁନ୍ଥି କରେଁ ଫୁଲମାଳ,
ତବ ଅଶ୍ରୁରାଶି ଶୁଷ୍କ ହେଉ ମୋ'
ହର୍ଷଧାରା ଦିଏଁ ଢାଳି ।
ଦୀର୍ଘ ଅଳସ ବିବଶ ଯାମିନୀ
ପୂରୁ ଉଠୁ କର୍ମ କୋଳାହଳେ,
ଶକ୍ତି ପ୍ରାର୍ଥନା ଲଭୁ ପ୍ରତିଷ୍ଠା
ନିର୍ଭର ପୂର୍ଣ୍ଣ ଆତ୍ମବଳେ ।

# ମିଳନ

କର ଦୂର କର ଦୂର ସରମର ଆବରଣ,
ଅଙ୍ଗେ ଅଙ୍ଗେ ମୋର କର ଆଲିଙ୍ଗନ
ହୃଦରେ ଥୁଅ ଶ୍ରୀଚରଣ ।
ଗୋଟା ତନୁ ମୋର ଚର ତୃଷାତୁର,
ସହିବ କେତେ ସେ ବସନର ଭାର,
ନିତି ଲାଜେ ଲାଜେ କେତେ ମରୁଥିବ
ପାଇବାର ଆଶା ନ ପାଇ ଝୁରିବ,
ଲୋକ ଲୋକାନ୍ତରେ କେତେ ଭ୍ରମୁଥିବ;
ସହିବ ଜନମ ମରଣ ।
କାହିଁ ଏ ସାଧନା; କାହିଁ ଏ ବେଦନା;
କହିବ କହିବ ନ ଫିଟେ ରସନା;
କେତେ ଦୂରେ ଦୂରେ ରହିଥିବ ଆଉ
ସହିବ ବିଚ୍ଛେଦ କଷଣର ଦାଉ;
ଏବେ; ନଦୀ ସିନ୍ଧୁ ସମ ମିଶି ମୋ' ମାନସେ
ନର ହେଉ ନାରାୟଣ ।

# ନିସ୍ୱାର୍ଥ

ନିଜ ସ୍ୱାର୍ଥ ଚିନ୍ତା ଜଗତ ଯେବନ
ଦେବ ମୋତେ ଶତ ପୀଡ଼ା
ଦୁଃଖ ଭରେ ଭାଙ୍ଗି ନପଡ଼ିବ
ଦୃଢ଼ପଦେ ହେବ ଛିଡ଼ା ।
ଆନଲାଗି ଯେବେ ସହିବ ମୋହର
କଷ୍ଟ ସଞ୍ଚିତ ବଉ,
ଆପଣାର ଇଷ୍ଟ ମଣି ତା ଗୁପତେ
ହେବ ଆନନ୍ଦିତ ଚଉ ।
ଆନର ଆସନେ ବସାଇ ଯେବେ
ଭାଗ୍ୟ ଦେବତା ସୁଖେ
ନିଜେ ଦୀନପଣେ ରହିବ ନିର୍ଜନେ
ଆନପଦେ ନତ ମୁଖେ ।
ନିଜ ଲାଜ ଯେବେ ଗ୍ରାସିବ ମରମ
ଆନେ ନ ମଣିବ ତୁଚ୍ଛ
ଆନର ପତନେ ନ ହସିବ କେବେଁ
ନିଜକୁ ଭାବଣ ଉଚ୍ଚ ।

# ଅମୃତ ସନ୍ତାନ

—:o:—

ବିନାଶ ମୋହର ନୁହଇ ତୁମର
ପ୍ରେମମୟ ଅଭିପ୍ରାୟ,
ରଚିଛ କୌଶଳେ କଳେବର ମମ
ଗୁରୁ କାରୁକଳା ପ୍ରାୟ ।
ନୟନେ ମୋହର ଶତ ସୂର୍ଯ୍ୟପ୍ରଭା,
ଅଙ୍ଗେ ଅଙ୍ଗେ ରମ୍ୟ ନନ୍ଦନର ଶୋଭା,
ବାହୁରେ ଅସୀମ ଅଜେୟ ଶକତି,
ହୃଦୟେ ବିଶାଳ ଭକତି,
ଶତ ଶୋକ ଜରା ଘେରିଛି ମରଣ,
ତଥାପି ନୁହେଁ ମୋ କ୍ଳାନ୍ତ ଚରଣ,
ଜନମେ ଜନମେ ନବ ନବ ବେଶେ
ଧରେ ନବ ନବ କାୟ ।
ଚିର ବିକାଶ ମୋ ଜନ୍ମ ଅଧିକାର,
ଚିର ମୁକ୍ତ ମମ ଉନ୍ନତି - ଦୁଆର,
ଅମୃତ ସନ୍ତାନ ତୁମର ମୁଁ ତାତ
ନିର୍ମଳ ପୂତ, ଅବଦାତ,
ପାତକ-କଳଙ୍କ ନରକ-ନିଗଡ଼େ
କେତେଦିନ ବନ୍ଧା ଥିବ ହେ ନିବିଡ଼େ ?
ଧୂଳିରେ ଧୂସର କାତରେ କପାଇଁ କରୁଥିବ ହାୟ ହାୟ !

# ଅପୂର୍ଣ୍ଣତା

ପୂଜିବ କେମନ୍ତେ ତୁମକୁ ହେ ପ୍ରଭୁ !
ନିତି ମୋର ଥିଲା ଭାବନା,
ତୁମର ପଦାର୍ଥ ତୁମକୁ ଅରପି
କରିବ କିସ ମୁଁ ପ୍ରାର୍ଥନା ।

ନିଜର ବୋଲି ମୁଁ କହିବ କାହାକୁ
ଦେବ ମୁଁ କମଳ-ପଦ୍ମରେ
ନିଜ ଅପୂର୍ଣ୍ଣତା ଲଜ୍ଜା ମ୍ଳାନିମା
ଅଶ୍ରୁ ଆଣିଛି ଭସ୍ମରେ ।
ଦୀନତା ହୀନତା ସଙ୍ଗୀଣ ମୋର
ସେତକ ଦେବ ମୁଁ ଢାଳି;
କଲୁଷ କଳଙ୍କ ଛଳ ଅହମିକା
ଜୀବନର ଯେତେ କାଳି ।

ତୁମର ପୂଣ୍ୟ ପାଦରେ
ବନ୍ଦୀ ମୁଁ ଅପରାଧରେ,
ଘୃଣ୍ୟ ନଗ୍ନ ଭଗ୍ନ ମୋହର,
ବିକଳ କଙ୍କାଳ ବଦରେ ।

ଆଶା ବଡ଼ ମନେ ମୋର,
ତୁଟିବ ଜଞ୍ଜାଳ ଘୋର,
ସୂର୍ଯ୍ୟ ଉଦୟେ ଉଆଁସ ନିଶାର
ରହିବ କି ଅନ୍ଧକାର ?

ତାର ଅବା ମୋତେ ମାର
ଏତକ ମୋ ଅହଙ୍କାର
ତବ ବନ୍ଦପଣେ ଉଣା ଯା ମୋ ଠାରେ
ପୂର୍ଣ୍ଣହେବ ସାରାତ୍ ସାର ।

# ମଣିଷ ପଣିଆ

—※—

ନିଦାରୁଣ ଯଦି ହେଲୁ ବିଧି ମୋରେ
ତୃଣ ସମ କର ନିଜ ଆଖିରେ,
ଉଣା ହେଉ ମୋର ଅହଂକାର ପଣ
ଗଣା ହୁଏ ମୁହିଁ ନିରମାଖୀରେ ।
ତଥାପି କଣ୍ଠେ ମୋ ଦିଅ ଗୀତ ଗୋଟି
ଗାଇ ଗାଇ ଦିନ ହରିବି ହରି,
ତପତ ରୁଧିର ତରପଣେ ପ୍ରାଣ
ଚରଣ-କମଳେ ସାରିବି ମରି ।
ଝୁଣ୍ଟି ଝୁଣ୍ଟି ତବ କଣ୍ଟାବଣ ବାଟେ
ଯେତେ ଜ୍ୱଳୁଥିବ ଖତରେ ତାତି,
ତେତିକି ଆନନ୍ଦ ବଢ଼ୁଥିବ ମୋର
ଫାଟୁଥିବ ପଛେ ତୃଷାରେ ଛାତି ।
ରଖିଥିବ ଯତ୍ନେ ମଣିଷ ପଣିଆ
ଏତିକି ମାଗୁଣି ନିତି ମୋହର,
ଅନ୍ତେ ପଦପ୍ରାନ୍ତେ ଦେ'ଣା ପାଉଣା ମୋ
ବୁଝି ନେବ ନ୍ୟାୟପଣ ସୁନ୍ଦର ।

# ପାଦଚିହ୍ନ

—o—

କେ ତୁହି ବାଟୋଇ ଚାଲୁ ଚାଲୁ ଛିଡ଼ା
ଶ୍ରାନ୍ତେ କାତରେ ପ୍ରାନ୍ତରେ,
ନିବିଡ଼ ଦୁରାଶା ମାୟା ମରୀଚିକା
ଭୁଲାଇ ବଥାଏ ଅନ୍ତରେ ।
ହେବ ହେବ ଶେଷ ଦୀର୍ଘ ଦାରୁଣ
ଅରଣ୍ୟର ସୀମା ଚାଲ ରେ ତରୁଣ,
ପାଷାଣ କଷଣେ ଝୁଣ୍ଟି କା ପଡ଼ିଲୁ
ଚିନ୍ତା କର କାହିଁ ପାଇଁ ?
ହାଛ ଭାଭ ତଳେ ପଡ଼ିଥିବୁ ତୋର
ନିୟତିରେ ଲେଖା ନାହିଁ ।
ହଠ ଅପ୍ରତିମ ଶକତି ଅସୀମ
ନୋହୁ ତୁହି ହୀନ କରମରେ ଦୀନ,
ଶତ ଅପମାନ ଲାଞ୍ଛ ବୋଝ ବହି
ନ ହୁଅ ନ ହୁଅ କ୍ଷୀଣ,
ଚାଲ ସାହସରେ ଆଗୁଆର ହୋଇ
ପଡ଼ୁ ପଥେ ପଦଚିହ୍ନ,
ଦୁର୍ବଳାଙ୍କୁ ଚରଦନ ପାଇଁ
ଆଖିକୋଣେ ହେଉ ଲୀନ ।

# ଅଭିଶପ୍ତର ଅଭିମାନ

ଜାଣେଁ ଏ ଜୀବନ କେବେହେଁ ନ ହେବ ବିଫଳ
ଅକାରଣ ନୁହେଁ ମୋର ଉଷ୍ଣ ଅଶ୍ରୁଜଳ ।
ନିବିଡ଼ ନିଷ୍ଠୁର ଘନ ଗହନ ଅନ୍ଧାରେ
ନ ମରିବ ଚିରଦିନ ତୀବ୍ର ହାହାକାରେ ।
ଅମୀୟ ଅରୁଣ ଭାତି
ବିନାଶିବ ଚିର ରାତି
ଅମୃତ ଆନନ୍ଦେ ମୁହିଁ ଅନନ୍ତ ଜୀବନେ
ଜାଗିବ ଜାଗିବ ଦୀପ୍ତ ଆଶା ମୋର ମନେ ।

୨

ଦୁର୍ବଳ କୋମଳ ମୁହିଁ ମଳିନ ଅଧମ
କୋଟି କର୍ତ୍ତବ୍ୟ ପାଳନେ ସତତ ଅକ୍ଷମ,
ଶତ ଶତ ଭୁଲ ଭ୍ରାନ୍ତି
ଦାରୁଣ ଦୂଷଣ ଶ୍ରାନ୍ତି,
ହେଉଛି ଜୀବନ ମୋର ସହସ୍ର ଜଞ୍ଜାଳ
ତଥାପି ନୁହେଁ ମୁଁ ସଖା ମୃତ୍ତିକା କଙ୍କାଳ ।
ଅମୃତ ସନ୍ତାନ ମୁହିଁ ସୁଧା ଅଧିକାରୀ
ଅନନ୍ତ ତିମିର ତଳେ ଦୀପ୍ତ ଦୀପଧାରୀ ।

୩

ଲାଞ୍ଛନା ଗଞ୍ଜନା ଶତ ଭର୍ତ୍ସନା ଜୀବନେ
ପଦେ ପଦେ ଅପମାନ ପୀଡ଼ଇ ମରମେ,
ପାଷାଣ ଶୈଳ ଶିଳା ଅବା କଠିନ କୁଳିଶ
ପ୍ରହାରେ ଜର୍ଜର ହୁଏ, ଜୀବନ ମୋ ବିଷ।
ତଥାପି ଅମର ମୁହିଁ ମାନବ ସନ୍ତାନ,
ବ୍ୟର୍ଥେ ଏ ପୃଥିବୀ ମୋତେ ନ କଲା ଅହ୍ୱାନ।
ତିଳେ ତିଳେ ଏ ଜୀବନ
କହିବିଟି ନିବେଦନ,
ସାରାସୃଷ୍ଟି ସାର ମୁହିଁ ପ୍ରଚ୍ଛନ୍ନ ଦେବତା
କରମଙ୍କରତା ମୁହିଁ ମୋ ଭାଗ୍ୟ ନିଅନ୍ତା।

୪

କରୁଛୁ କି ପରିହାସ ଦେଖି ଦୀନ ବେଶ
ଅର୍ଦ୍ଧ ଅନଶନେ କ୍ଷୁଦ୍ର କୁଟୀରେ ମୋ କ୍ଲେଶ।
ତପତ ତପନ ତଳେ ତିନ୍ତ ସ୍ୱେଦଜଳେ
ରୁକ୍ଷ ବକ୍ଷଧରୀ ମୁହିଁ ଚଷଇ ଲଙ୍ଗଳେ।
ଅବା ଭିକ୍ଷାପାତ୍ର ଧରି
ସରମେ ମରମେ ମରି
ତବ ରମ୍ୟ ହର୍ମ୍ୟ ତୋର ତୋରଣ ସମ୍ମୁଖେ
କ୍ଲାନ୍ତ ପଦକ୍ଷେପେ ଆସେ, ନ ଚାହୁଁଛୁ ମୁଖେ।

୫

ଲାଜେ ପୋତି ମଥା ଦୂରେ ଯାଅ ମୋର ଭାଇ,
ନ ଚିହ୍ନ ନ ଚିହ୍ନ ମୋତେ ନ ହେବ ବଥାଇ।

ତିଳେ ତିଳେ ପ୍ରାଣ ମୋର କରିବି ଅର୍ପଣ
ତବ ଶତ ସୁଖ ଯହିଁ ହେବଟି ବର୍ଦ୍ଧନ ।
ବଞ୍ଚିବାର ଅଧିକାର ରଖ ଚିରଦିନ
ମରଣେ ସମ୍ବଳ କରି ହେଉଥାଏଁ କ୍ଷୀଣ ।
ତଥାପି ମରିବି ନାହିଁ
ମନେରଖ ଏହା ଭାଇ
ଅକାରଣେ ଜନ୍ମ ମୋର ନ ହେଲା ଭୂତଳେ,
ଅନନ୍ତ ବିନାଶ ଯେବେ ମରିବି ବିରଳେ ।
ଅନନ୍ତ ବିକାଶ ମମ
ଚିରଦିନ ଅନୁପମ,
କ୍ଷଣେ କର୍ଦ୍ଦମେ ପଦ୍ମ ମୁହିଁ ଶତଦଳ
ନ ହେବ ବିଫଳ ମୋର ତପ୍ତ ନେତ୍ରଜଳ ।

୭

ପାଷାଣେ ଚିହ୍ନିତ ଭାଗ୍ୟ ବିଗୁରନ୍ତୁ ସଖା,
ପାଷାଣ ପ୍ରାଣରେ ତେଣୁ ନ ପଶଇ ଦୟା ।
ଉଚ୍ଚାସନେ ସ୍ୱଚ୍ଛମନେ ଆରାମ ଶୟନେ
ହରୁଛି ଦିବସ ନିଶି, କାନ୍ଦେ ମୁଁ ଅୟନେ ।
ମୋ ରକ୍ତ ତପତ ଧାରେ
ମୋର କ୍ରୂର ହାହାକାରେ,
ବୃଦ୍ଧି ରହିଅଛି ତବ ଜୀବନ ସଂପଦ,
ନ ମିଳେ ମୁକତି ମୋତେ ଧ୍ୟାୟିଣ ଶ୍ରୀପଦ ।
ତୁମେ ବୀର ତୁମେ ଗୁଣୀ,
ମୁଁ ହୀନ ଅଜ୍ଞାନ ଋଣୀ,

ତୁମର ସଭ୍ୟତା ପାଶେ ତୁମର ଅଲୋକେ,
ତୁମ ବିନା ବାସ ମୋର ଅନନ୍ତ ନରକେ ।

ନ ଭାବ ନ ଭାବ ଭାଇ,
କେହି କେବେ ଶୁଣି ନାହିଁ

ନିଷ୍ଠୁର ପୀଡ଼ନ ଦାଉ ଦେଖା ଗୋଟି ଗୋଟି ,
ଥାଅ ସୁଖେ, ଭୋଗେ ମୁହିଁ କଷ୍ଟ କୋଟି କୋଟି ।

୭

ଦୀର୍ଘ ଦୁର୍ଗମ ଯଦ୍ୟପି ଏ ଘନ ବିପିନ
କଣ୍ଟକ ପରଶେ ଯାଏ କାନ୍ଦି ତନୁ କ୍ଷୀଣ ।
ସରବ ସରବ ମୋର ଅଜ୍ଞାତ ନିବାସ
ନିଜ ତେଜେ ଦିନେ ମୁହିଁ ହେବ ସ୍ୱପ୍ରକାଶ ।
ଯେ 'କରେ' ସୁଖରେ ହର ଦ୍ରୌପଦୀ ବସନ,
ସେ କର ଭଞ୍ଜନେ ଲଜ୍ଜା ହେବ ନିବାରଣ ।

ରଞ୍ଜାଇବ କେଶରାଶି
ରକତେ ଆନନ୍ଦେ ଭାସି,

ଭୀମ ଭୁଜେ ବନ୍ଧାଇବ; ଦର୍ପୀ ଦୁଃଶାସନ
ବୃକୋଦର ଗଦାଘାତେ ତେଜିବ ଜୀବନ ।

୮

ଲଙ୍କା ନଗରେ ବନ୍ଦିନୀ ଜନକନନ୍ଦିନୀ,
ଦଶଆନନ ଦଳନେ କାନ୍ଦଇ ମେଦିନୀ—

କର୍ଷିଛ କେଦାର ସୀତା ସରମ ଆକୁଳା,
ଉଠୁଛୁ ଗୋପନ ଚିତ୍ତେ ଚିତାର କୁହୁଳା
ଜଳିବ ସେ ଦାଉ ଦାଉ,
ଉସମିବ ଗୁହୁଁ ଗୁହୁଁ
କନକ-କମଳ-କାନ୍ତି-ଲଙ୍କା ଭବଶଙ୍କା
ଅହଙ୍କାର ଅରି ଶିର ପାଦେ ହେବ ବଙ୍କା ।
ଧୈର୍ଯ୍ୟ ସହିଷ୍ଣୁତା ସତ୍ୟ ଶ୍ରୀରାମ-ଜାନକୀ-
ଲକ୍ଷ୍ମଣ ବିଜୟ ବାନା ଉଡ଼ିବ ଝଟକି !
ଯୁଗ ଯୁଗାନ୍ତର ଯଶ ଗାଇବ ଗଗନ—
ଗହନ ସାଗର ଶୋଭି ବିଶାଳ ଭୁବନ ।

୯

ଭାବିଛ ବିଫଳେ ଯିବ ତାର'ର ତପସ୍ୟା,
କାନ୍ଦିବ କରୁଣେ ଗୌରୀ ଗିରିଜା ବିବଶା,
ଶିବ ପତି ନ ଲଭି ସେ, ଅସତୀ ବୋଲାଇ
ସତୀ ରୂପେ ବୃଥା ପିତୃ ଗୃହେ ମରି ନାହିଁ ।
ମହାଯତଯୋଗ ଭଙ୍ଗ
କରିବ ଦେବ ଅନଙ୍ଗ,
ନେତ୍ରାନଳେ କଳେବର ଯଦି ବା ଦହିବ;
ପରଉପକାରେ ହିଁଛି ମରି ସେ ବଞ୍ଚିବ ।

୧୦

ଅକାରଣେ ପାଷାଣ କି ଅହଲ୍ୟା ସୁନ୍ଦରୀ
ଅର୍ପିବେ ଶିରେ ପଦ୍ମ ଶ୍ରୀପାଦ ଶ୍ରୀହରି ।

କାହିଁ କଳଙ୍କିନୀ ରାଧା ହେବ ଗୋପକୁଳେ,
ମୋହନ ମୁରଲୀ ତାନେ କଦମ୍ବର ମୂଳେ
ଛାଡ଼ି ପ୍ରିୟ ପରିଜନ
ଧାଇଁ ଉନ୍ମାଦିନୀ ସମ,
ଅନନ୍ତ ଅଶ୍ରୁ ସାଗରେ ବୁଡ଼ିବ କି ଚିର,
ନଉଦିବ ଚିଦାକାଶେ ବ୍ରଜର ମିହିର ।
ନିପଟ କପଟ ଶ୍ୟାମ
ବାତୁଳେ ରାଧାର ନାମ
ବଜାଇ ଝୁରିବେ ପରା ଦିବସ ଯାମିନୀ,
ଯମୁନାର ନୀର ଯେବେ ଚୁମ୍ବିବ ଗୃହିନୀ ।

୧୧

ମିଠେ କି କୋକିଳ କେବେ ଢାଳେ କଳଗିର
ନ ବହିଲେ ମୃଦୁ ମଧୁ ମଳୟ ସମୀର ?
ମିଠେ କି କୁମୁଦ ଆଖି
ଇନ୍ଦୁ ପାଦେ ରହେ ଲାଖି,
ଶତ ବର୍ଷେ ସରସୁ ସେ ନ କଲେ ଚୁମ୍ବନ,
ଶୀତଳ ଶିଶିର ଛଳେ ସ୍ନେହ ଆଲିଙ୍ଗନ ।
ନୀରବ ରଜନୀ ଧୀର ଗଭୀର ସୁସ୍ୱରେ
ଝିଲ୍ଲି ରବେ ଅଶାଗୀତ ଗାଏ ଶ୍ରବଣରେ ।
ଅନନ୍ତ ଅବ୍ୟକ୍ତ ଶାନ୍ତି ପୂରେ ତ ସଘନେ,
ମିଠେ କି ଜୀବନ ରହେ ଅନର ଧିଆନେ ?

୧୨

ଅକାରଣେ କ୍ରୌଞ୍ଚପକ୍ଷୀ ନ ତେଜବ ଜୀବ,
ରାମାୟଣ ପଣା ସରା ପୃଥିବୀ ପିଇବ,

କବ କୁଳଗୁରୁ ହେବେ ଶ୍ରେର ରତ୍ନାକର,
ବୋଲାଇବେ ବାଲମୀକି ମହର୍ଷି ପ୍ରବର ।
ଅକାରଣେ ବନବାସେ ନ ଯିବ ଜାନକୀ
ସତୀତ୍ୱ ଗୌରବ ପଦ୍ ଉଠିବ ମସ୍ତକ ।
ପାଇ ପୂର୍ବ ଅଧିକାର,
ରଘୁନାଥ ନେତ୍ରଧାର
ପୋଛୁ ଲବକୁଶ ଯୁଗ ଧନ୍ୟ ହେବେ ଭବେ,
ଅକାରଣେ କ୍ରୌଞ୍ଚୀ ଶୋକ ନ କଲୁ ବୈଧବ୍ୟ ।

୧୩

ଭବ ଭୀରୁ ଭୀମ ଭୁଜେ ଦଳୁଛୁ ଦରପେ,
ଅସହାୟ, ହୀନ, ଭସ୍ମେ ପଡ଼ିଣ ଅରପେ,
ଚିରଦିନ ସମତୁଲ ନ ଥିବ ତୁମର
କେବେ ତୁମେ ତଳେ, କେବେ ହେବ ମୁଁ ଉପର ।
ତୁମର କଣ୍ଟ ମୋର ହେବ ଶିରଶୋଭା,
ମୋହର ମୋହନୀ ବନେ ହେବ ମନୋଲୋଭା,
ଆଜ ଯା'ରେ ପଦାଘାତ,
କାଲି ତାର ଧର ହାତ,
ଆଦରେ ଅଞ୍ଚଳନିଧି ଅଙ୍କଆସନରେ
ରଖିବ ରତନ ସମ ସ୍ନେହ ଯତନରେ ।

୧୪

ବଳ ! ପଦଦଳା ତବ ସହିବ ନୀରବେ
ଗୋଟିଏ କଥା ମୋ' ମୁଖେ ନ ଶୁଣିବ ଭବେ ।

ତଥାପି ନିଃଶ୍ୱାସ ମୋର ଫଟାଇ ପାଷାଣ
କରିବ ବିଦୀର୍ଣ୍ଣ ତବ ଅହଂକାରୀ ପ୍ରାଣ ।
ଆଜି ଯାକୁ ତୃଣ ସମ କର ତୁଚ୍ଛ ହେୟ,
କାଲି ସେହି ହେବ ତବ ଶ୍ରେୟ ତବ ପ୍ରେୟ ।
ଆଜି ଯେ ତୁମର ବନ୍ଦୀ କଠିନ ଶୃଙ୍ଖଳେ,
କାଲି ପୂଜାଫୁଲ ଦେବ ତାର ପାଦତଳେ ।
ଆଜି ତୁମେ ଯାର ରାହୁ,
କାଲି ତବ ପ୍ରେମବାହୁ
କରି ଆଲିଙ୍ଗନ ତାଙ୍କୁ ଦେବ ଦେବାସନ,
ତା' ଗୁଣେ ମୋହିବ ତବ ମୂଢ଼ ଅନ୍ଧ ମନ ।

୧୬

ଅସ୍ପୃଶ୍ୟ ଇତର ମୁହିଁ ଘୃଣିତ ଚଣ୍ଡାଳ,
କରେ ପରିଷ୍କାର ତବ ନରକ ଜଞ୍ଜାଳ,
କାନେ ବହି ନିଏଁ ବୋଲ ପ୍ରଖର ଖରରେ
"ବେହେରା, ବେହେରା" ଡାକ ଶୁଣାଅ ଶ୍ରଦ୍ଧାରେ ।
ମୁହିଁ ପଦସେବାକାରୀ
ଭୃତ୍ୟ, ପୁଝାରୀ, ଭଣ୍ଡାରୀ,
ବୋଲଉଛ ବାବୁ ବସି ଉଚ୍ଚ ଆସନରେ
ଲାଜ ଲୁଚୁଅ କିନ୍ତୁ ମୋ ଦତ୍ତ ବସନରେ ।
ମୋ ଦତ୍ତ ଅଶନ ପୁଣି ନିତ୍ୟ ଭୋଜନ,
ତୁଙ୍ଗ ପ୍ରାସାଦରେ ତୁମେ, ତଳେ ମୋ ବେଦନ ।

୧୬

ଅଗାଧ ଐଶ୍ୱର୍ଯ୍ୟ ତବ, ମୁଁ ହୀନ ମୃଣ୍ମୟ,
ତୁମେ ଶୁଭ୍ର ସିଂହାସନେ, ମୁଁ ପାଦତଳୟ ।
ମୋ ରକତ-ସିନ୍ଧୁ ମନ୍ଥି ଦରପ ମନ୍ଦରେ,
ଫୁଇଦନ ହସୁଥାଅ ଭାସି ଅମୃତରେ ।
ଶେଖରଇ ଚନ୍ଦ୍ରମା, ଶିରୀ ବୋଲାଅ ଦେବତା,
ହୁଏଁ ମୁଁ ଲାଞ୍ଛିତା ଚିର ପଦଅବନତା ।
ଉଠିବ ଉଠିବ ଭାସି
କରାଳ ଗରଳରାଶି,
ନୀଳକଣ୍ଠ ଲୋଡ଼ା ତହୁଁ ହୋଇବ ତୁମର,
ବେଳହୁଁ ତୁଟାର ତବ ବାସନା ସମ୍ଭର ।
ନୋହିଲେ ଭୀଷଣ ରଣ ସୁରାସୁରଗଣେ
ରଚିବ ଶ୍ମଶାନ ତବ ମନ୍ଦାର-ନନ୍ଦନେ ।

୧୭

କର୍ଣ୍ଣ ବାହୁବଳେ ଆଜ ତେଜୀ ଦୁର୍ଯ୍ୟୋଧନ
କୃଷ୍ଣାର୍ଜୁନେ ହେୟ ଜ୍ଞାନ କରେ ତୃଣ ସମ ।
ନ ଭୁଲିଛ ମନେ ଅଛି 'ଅଞ୍ଜଳିକ' ଶର
ଅଭିମନ୍ୟୁ ବଧ ଶୋଧ ଲଭିବ ନିକର ।
ଜତୁ ସଦନ ଦହନ !
ଭୀମ ଗଦାରେ ଭଗନ—
ହେବ ସେ ଗର୍ବିତ ଜାନୁ ତେଜିବ ଜୀବନ,
ଅନ୍ୟାୟ-ଆହବେ ପଣ ବଳାଇଛ ମନ ।

୧୮

ଚିରଦିନ ଶୁଦ୍ଧ ତାର ନ ଉଦେ ଆକାଶେ,
ଚିରଦିନ ନ ଭାସେ ଟେକ ସମ୍ପଦ ବଳାଧେ ।
ଚିର ପରାଜିତ ନୁହେ ନ୍ୟାୟ ଯୁଧିଷ୍ଠିର,
ଚିର ମନ୍ତ୍ରେ ନ ଭୁଲିବ କେହି ଶକୁନିର ।
ଥାଉ ତବ ପକ୍ଷେ ଲକ୍ଷ ନାରାୟଣୀ ସେନା,
ଏକା ନାରାୟଣ ମୋର ରକ୍ଷା ବଜ୍ର-ସେନା ।
ଆଆନ୍ତୁ ସହସ୍ର ରଥୀ,
ଏକା ମୋ ରଥ ସାରଥୀ,
ନିରସ୍ତ୍ର ନିର୍ଦ୍ଦ୍ୱନ୍ଦ୍ୱ କୃଷ୍ଣ କ୍ଷୁଦ୍ର ବଂଶୀଧାରୀ,
ଗୀତା ଗାନେ ପ୍ରାଣେ ମୋର ବର୍ଷୁ ଶାନ୍ତିବାରି ।

୧୯

ଭଲି ମୋ ମୂର୍ଖତା ସୁଖେ ଦିଅ କରତାଳି,
ମରେଁ ମୁଁ ଦରିଦ୍ର ଯୋରେ ଚିତ୍ତେ ଚିତା ଜାଳି ।
ନାହିଁ ମୋର ବାସ, ଅଛି ମହାକାଶ ତଳେ,
ନାହିଁ ମୋର ହେମ ଶଯ୍ୟା, ଶୁଏଁ ମୁଁ ଭୂତଳେ;
ଶୀତ ଖର ବରଷାରେ
ପ୍ରକୃତିର ଅତ୍ୟାଚାରେ,
କ୍ଷୀଣ ଅଙ୍ଗ ଶିରୀ ସର ଅସ୍ଥି ଯାଏ ହର,
ତଥାପି ବଞ୍ଚିବ ନିଶ୍ଚେଁ ଏ କପଟେ ମରି ।
ମରଣ ନୁହେ ମୋ କ୍ଳେଶ,
ନୁହେ ତା ବିନାଶ, ଶେଷ,

ଅଦ୍ଭୁତ ସୁନ୍ଦର ନବ ଜୀବନ ଆରମ୍ଭ
ମୋ ମରଣେ କିନ୍ତୁ ତବ ଜୀବ କି ସମ୍ଭବ ?

୨୦

ସମ୍ବଲହୀନର ଶେଷ ଆଶାର ସମ୍ବଲ
କାଢ଼ିନେଲ ଶୀତେ ଯଥା ଶୀତାର୍ତ୍ତ-କମ୍ବଳ ।
        ଭାବିଲ ମହତ ଏକ କରମ ସାଧିଲି
        ବୈରୀ ଭାବେ ହୀନ ଅରି ଜୀବନ ବଧିଲି ।
କିନ୍ତୁ 'ରକ୍ତବୀଜ' କେବେ ମରି ସେ ନ ମରେ,
ଶତ ଶତ ଦୈତ୍ୟ ଜାତ ବିନ୍ଦୁଏ ରକ୍ତରେ ।
        ଖଡ଼୍ଗ ହସ୍ତେ ହାଣି ଶିର
        ବୁହାଇଲ ଯେ ରୁଧିର,
ବିନ୍ଦୁ ସିନ୍ଧୁ ହୋଇ ଶେଷେ ବୁଡ଼ିବ ଆପଣ
ଲଭିବ ତ ପ୍ରତିଫଳ କୃପାରେ କୃପଣ ।

୨୧

ପାଦେ ଦଳି ଫୁଲ ଗୋଟି ହେଲୁ କି ଗୌରବ,
ମଥିତ ବ୍ୟଥିତ ତାର ସ୍ଫୁରିଲା ସୌରଭ ।
        ମରି ସେ ମରିଲା ନାହିଁ,
        ହଜାଇଲ କାହିଁ ପାଇଁ
ତାର ଶୋଭା ଶିରୀ ହାସ ଅକାଳେ ହେଳାରେ,
କିଏ ଜିତେ କିଏ ହାରେ ବୁଝ ଏ ଖେଳାରେ ।
ନିଜର ଅନନ୍ତ ଧନ ସାରିଲ ତୁଚ୍ଛାକୁ
ନିଜ ହସ୍ତେ ଜିହ୍ୱା ଛେଦ କହିବ କାହାକୁ ?

୨୨

ଭାବିଲ ବୁଡ଼ିବ ପରା କିଦଳଭେଳାରେ,
ଅନନ୍ତ ଅମ୍ବୁଧି ତଳେ ଗୁହିଁବ ଗେହ୍ଲାରେ,

ଆଦରେ ମରଣ ମୋର, ନିଷ୍ଠୁର କାଣ୍ଡାରି !
ଘନ ପ୍ରଭଞ୍ଜନେ ଊର୍ମି ସାରିବ ସଂହାରି ।
ସହସା ଅତଳେ କୂଳ
ଲଭି ମୋ ଭରସା ଠୁଳ
ହେଲଣି ଅଭୟ ପାଦେ, ଦୟାର ଠାକୁର
ଶୁଣିଲେଣି କାକୁ ମୋର, ଶୁଣ ଶୁଣ କ୍ରୂର !

୧୩

ଯଦି ମହାଭାରତର ମହାସିନ୍ଧୁଜଳେ
ବୁଡ଼ି ମୁଁ ଚିତ୍କାରେ କାନ୍ଦେ କୃପା ପାଦତଳେ,
ତୋଳିନେବେ ବିସ୍ତାରି ସେ ପ୍ରେମମହାବାହୁ
ଗଉରୀ-ଶେଖରାସନ ଦେବେ ଗ୍ରହୁଁ ଗ୍ରହୁଁ ।
ତହିଁ ମାନ-ସରୋବର-କମଳ-ବିଳାସୀ
ମରାଳର କଳଗାନେ ମାନସଉଲ୍ଲାସୀ,
ହେବ ହୈମବତୀ ସତୀ କି ଲୋକପାବନୀ
ଅକାରଣେ ଏ ପ୍ରଳାପ କରେ ପାଗଳିନୀ ।

୧୪

ବିଶ୍ୱାସ ତାହାର ବିଶ୍ୱରାଜ୍ୟ ବିଧାତାର,
ଚିର ନ ବର୍ତ୍ତିବ ତହିଁ କ୍ରୂର ଅତ୍ୟାଚାର ।
ଯେ ହୀନବିଶ୍ୱାସୀ କର୍ମେ ନେଇ ସେ ପରଖି
ଏତିକି ମାଗୁଣି ମୋର ଅନାଥ ଅରକ୍ଷୀ ।

—:*:—

ମୁଦ୍ରାକର—ଶ୍ରୀ ବାଳକୃଷ୍ଣ କର ବି. ଏ, ସାରସ୍ୱତ ଯନ୍ତ୍ରାଳୟ—କଟକ

ଭାରତଭୂଷଣା

ଉତ୍କଳଭାରତୀ

ଶ୍ରୀମତୀ

## କୁନ୍ତଳାକୁମାରୀ ଦେବୀଙ୍କ ଅନ୍ୟାନ୍ୟ ପୁସ୍ତକ

# ୧। ରଘୁଅରକ୍ଷିତ

( ସୁନ୍ଦର ଚିତ୍ର ସମ୍ବଳିତ ) ମୂଲ୍ୟ ଟ ୩/

ଓଡ଼ିଆ ଭାଷାରେ ଏହି ବଡ଼ ଉପନ୍ୟାସ ଖଣ୍ଡି ନୂତନ ଓ ପ୍ରଥମ

* * * *

# ୨। ଅଞ୍ଜଳି

( ୨ୟ ସଂସ୍କରଣ ) ମୂଲ୍ୟ ଟ ୧।

ମାଟ୍ରିକ୍ୟୁଲେଶନର ପାଠ୍ୟ ପୁସ୍ତକ ଏବଂ ଜାତି ନିର୍ମାଣବିଶେଷରେ ଈଶ୍ୱରପ୍ରେମର ଉତ୍ସସ୍ୱରୂପ।

* * *

# ୩। ଅର୍ଚ୍ଚନା

( ଅମୂଲ୍ୟ ଜାତୀୟ ଗାନ ) ମୂଲ୍ୟ ଟ ୧।

ଜାତୀୟତା, ଭକ୍ତି, ପ୍ରେମର ତରଳ ତ୍ରିବେଣୀଧାରା—ପ୍ରତି ସଂଗୀତ ଦେଶ ଓ ଜାତିର ବହୁମୂଲ୍ୟ ସଂପଦ

* * *

# ୪। ଉଚ୍ଛ୍ୱାସ

ମୂଲ୍ୟ ଟ୦ ୳।

ଗୀତ କବିତାର ଅମୃତ ଉତ୍ସ, ଯାହା ବଙ୍ଗ ଓ ଉତ୍କଳର ବନ୍ଧୁ ସୁଧୀ ନାୟକଙ୍କ ପ୍ରିୟ ସାମଗ୍ରୀ

* * *

# ୫। ପରଶମଣି

( ୨ୟ ସଂସ୍କରଣ ) ମୂଲ୍ୟ ଟ ୦ ୳

ବ୍ରଜମୋହନ ଉପନ୍ୟାସ—ସମାଜ ଚିତ୍ର

* * *

# ୬। ନଅତୃଣ୍ଣୀ

( ସାମାଜିକ ଉପନ୍ୟାସ ) ମୂଲ୍ୟ ଟ୦ ୳

ହସି ହସି ପେଟ ବଥାଇବ—କଜଆ ଖୋରଣୀର ଅପୂର୍ବ ପରିବର୍ତ୍ତନ

* * *

# ୭। କାଳୀବୋହୂ

( ଉପନ୍ୟାସ ) ମୂଲ୍ୟ ଟ ୦ ।/

ରୂପରେ କଳା—ଗୁଣରେ ଜଗତ ଉଜ୍ଜ୍ୱଳା

* * *

# ୮। ଭ୍ରାନ୍ତି

(୨ୟ ସଂସ୍କରଣ ) ମୂଲ୍ୟ ଟ୦ ।୵

ଯୁବକ ଯୁବତୀଙ୍କର ପ୍ରେମଧନ। ପଢିବାପାଇଁ ଏକ ନିଶ୍ୱାସ ଦରକାର ମାତ୍ର

କଟକ ଟ୍ରେଡିଂ କମ୍ପାନୀ, କଟକ—

# ଶୁଦ୍ଧିପତ୍ର

| ପୃଷ୍ଠା | ପଂକ୍ତି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୩ | ୨ | ଶୋକ | ଶୋକେ |
| ୫ | ୧୫ | ତରଣର | ତରୁଣର |
| ୧୦ | ୧୧ | କାନ୍ଦଛନ୍ତ | କାନ୍ଦୁଛନ୍ତ |
| ୧୧ | ୮ | ସାଙ୍ଗଲୁ | ସାଇଲୁ |
| ୧୨ | ୧୩ | ନର ନାରାୟଣ କୋଟି କୋଟି | ନରନାରାୟଣ |
| ୧୨ | ୧୪ | ତେଣୁ କୋଟି କୋଟି ଆଜ୍ଞା | ତେଣୁ ଆଜ୍ଞା |
| ୧୩ | ୪ | ସମୂଳ | ସମ୍ବଳ |
| ୧୩ | ୭ | ଦଡଦ୍ର | ଦୁଃଖିତ |
| ୧୪ | ୨ | କଦର୍ଥନା | କକର୍ଥନ |
| ୧୪ | ୩ | ଗୃହ୍ନିଁ | ଗୃହ୍ଣଁ |
| ୧୪ | ୫ | ଭିତରେ | ଭିତର |
| ୧୫ | ୩ | ମରଣେ | ମରମେ |
| ୨୦ | ୪ | ପଢ଼ୁଛୁ | ପଢ଼ୁଛ |
| ୨ | ୯ | ମରବ ଦନେ | ମରବ ତ ଦନେ |
| ୩୦ | ୨ | ଚରଣ | ଚରଣେ |
| ୩୩ | ୮ | ସସଖମ | ସଖାସମ |
| ୩୩ | ୧୨ | ଆଶାରେ | ଆଗରେ |
| ୩ | ୫ | ଝୁରମରେ | ଝୁରମର |
| ୩୯ | ୨ | ନରଶ | ନରଶା |
| ୫୨ | ୯ | ବସାଇ | ବସାଇବ |
| ୫୩ | ୩ | ରହୁଛୁ | ରଚଛ |
| ୬୨ | ୭ | ଧେର୍ଯ୍ୟ | ଧୈର୍ଯ୍ୟ |

| ପୃଷ୍ଠା | ପଂକ୍ତି | ଅଶୁଦ୍ଧ | ଶୁଦ୍ଧ |
| --- | --- | --- | --- |
| ୬୨ | ୧୧ | ଡାଉର | ଡାଗର |
| ୬୫ | ୩ | ତଣ | ତୃଣ |
| ୭୬ | ୧୪ | କରେ | କର |
| ୭୬ | ୧୭ | ବହ୍ନନ | ଦହ୍ନନ |